Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୧୨
Volum. - 22 ■ Issue No.- 12
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୩୦ ଜାନୁଆରୀ - ୦୪ ଫେବୃଆରୀ ୨୦୨୨ / 30 Jan. - 05 Feb. 2022 / Odia Weekly / 8 Pages / Rs.2/- only

## ରାଜନୀତି ମଇଦାନରେ ଲଢ଼େଇଖୋର୍ ରକ୍ତ ସଂପର୍କ : ଗୋଟିଏ ପଟେ ବିଧାୟକ ନରସିଂହଙ୍କ ଦୁଇ ପୁତୁରା ମୁହାଁମୁହିଁ ତ' ଅନ୍ୟପଟେ ଦୁଇ ଭାଇବୋହୂ ଆମ୍ନା ସାମ୍ନା ସମିତି ସଭ୍ୟ ପଦବୀ ପାଇଁ




ବଲାଙ୍ଗିର, (ନିପ୍ର) : ରାଜନୀତି ମଇଦାନରେ ଲଢ଼େଇଖୋର୍ ରକ୍ତ ସଂପର୍କ । ଏଭଳି ଚର୍ଚ୍ଚିତ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିରରେ । ଗୋଟିଏ ପଟେ ବିଧାୟକ ନରସିଂହଙ୍କ ଦୁଇ ପୁତୁରା ମୁହାଁମୁହିଁ ତ' ଅନ୍ୟପଟେ ଦୁଇ ଭାଇବୋହୂ ଆମ୍ନା ସାମ୍ନା ସମିତି ସଭ୍ୟ ପଦବୀ ପାଇଁ । ସୂଚନା ଅନୁସାରେ ନିକଟସ୍ଥ ଛତାମଖନା ପଂଚାୟତରେ ବିଧାୟକ ନରସିଂହ ମିଶ୍ରଙ୍କ ଦୁଇ ଭାଇବୋହୂ ଗୀତାଂଜଳି ମିଶ୍ର ଓ ଜ୍ୟୋସ୍ନାମୟୀ ମିଶ୍ର ସମିତି ସଭ୍ୟା ଭାବେ ନିର୍ବାଚନ ମଇଦାନ୍‌କୁ ଓହ୍ଲାଇଥିବା ବେଳେ ପିପିର୍ଡା ପଂଚାୟତରେ ଦୁଇ ପୁତୁରା ସ୍ମାରକ ମିଶ୍ର ଓ ସିଦ୍ଧାର୍ଥ ମିଶ୍ର ଗୋଟିଏ ପଞ୍ଚାୟତରୁ ସମିତି ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ତ୍ରିସ୍ତରୀୟ ପଞ୍ଚାୟତ ରାଜନୀତି ମଇଦାନରେ ଏଭଳି ଲଢ଼େଇଖୋର୍ ରକ୍ତ ସଂପର୍କ ସାରା ଅଂଚଳରେ ସର୍‌ଗରମ୍ ଆଲୋଚନାର ବିଷୟବସ୍ତୁ ପାଲଟିଛି । ସ୍ଥାନୀୟ ଅଂଚଳରେ ଏଭଳି ରୋଚକ ପ୍ରତିଦ୍ୱନ୍ଦିତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି ।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ସାଧାରଣ ନିର୍ବାଚନରେ ବଳିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ବିଜୟ ହାସଲ୍ କରିଥିବା ବେଳେ ତାଙ୍କ ପୁତ୍ର ସମରେନ୍ଦ୍ର ମିଶ୍ର ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନ୍‌କୁ ଆସି ପରାଜିତ ହୋଇଥିଲେ । ସେହିପରି ବଲାଙ୍ଗିର ରାଜ ପରିବାରରୁ ପୁରୁଖା ବିଜେଡ଼ି ନେତା ଅନଙ୍ଗ ଉଦୟ ସିଂହଦେଓ ନିର୍ବାଚନ ମଇଦାନ୍‌କୁ ଆସି ନଥିବା ବେଳେ ତାଙ୍କ ଦୁଇ ପୁଅ କଳିକେଶ ଏବଂ ଅର୍କେଶ ନିର୍ବାଚନ ମଇଦାନକୁ ଆସି ପରାଜିତ ହୋଇଥିଲେ ।

ଉପରୋକ୍ତ ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେଲେ ବଲାଙ୍ଗିର ରାଜନୀତି ଜଗତ ମଧ୍ୟ ପରିବାରବାଦରୁ ମୁକ୍ତ ନୁହେଁ ବୋଲି ଚିନ୍ତା କରାଯାଉଛି ।

## ପଦ୍ମଶ୍ରୀ ପାଇଁ ମନୋନୀତ ହେଲେ କୋଶଲୀ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁ



ବଲାଙ୍ଗିର, (ନିପ୍ର) : କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ମର୍ଯ୍ୟାଦାଜନକ ପଦ୍ମ ପୁରସ୍କାର ପାଇଁ ତାଲିକା ପ୍ରକାଶ ପାଇଥିବା ବେଳେ ବଲାଙ୍ଗିର ମାଟିର ଗର୍ବ ଓ ଗୌରବ ବିଶିଷ୍ଟ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଏହି ଖବର ମିଳିବା ପରେ ସାରା ବଲାଙ୍ଗିର ଜିଲ୍ଲାରେ ଖୁସିର ଲହରି ଖେଳି ଯାଇଛି । ସୋନପୁର ଏମ୍‌ଆର୍ ହାଇସ୍କୁଲରୁ ପ୍ରଧାନ ଶିକ୍ଷକ (ତୃତୀୟ ପୃଷ୍ଠା ଦେଖନ୍ତୁ)

## ରାଜଧାନୀରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ଜାତୀୟ ପତାକା ଉତ୍ତୋଳନ କଲେ ରାଜ୍ୟପାଳ ଗଣେଶୀ ଲାଲ



ଭୁବନେଶ୍ୱର : ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଆୟୋଜିତ ହୋଇଯାଇଛି । ଏହି ସମାରୋହରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କୋଭିଡ କଟକଣା ଭିତରେ ଚଳିତ ବର୍ଷର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ପ୍ୟାରେଡର ନେତୃତ୍ୱ ନେଇଥିଲେ ଯୁବ ଆଇପିଏସ୍ ଅଧିକାରୀ ରୋହିତ ବର୍ମା । ତେବେ କଟକଣା ଯୋଗୁଁ ୧୦ କଣ୍ଟିଜେଣ୍ଟ ପରେଡରେ ଅଂଶଗ୍ରହଣ କରିଥିଲେ ।

ତେବେ ପରେଡରେ କୌଣସି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିନାହାନ୍ତି ।




### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୨ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ଓଡ଼ିଶା ସରକାର

### ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏକ ସମୃଦ୍ଧ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ଆମର ମିଳିତ ଉଦ୍ୟମକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆଜିର ଦିନରେ ଶପଥ ନେବା ।

ସତର୍କ ରହିବା ଓ କରୋନା ଗାଇଡ୍ ଲାଇନ୍ ମାନି ଚଳିବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା



### ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହି ଅବସରରେ ଆମର ପୂର୍ବସୂରୀ, ସ୍ୱାଧୀନତା ସଂଗ୍ରାମୀ ଓ ଦେଶପ୍ରେମୀମାନଙ୍କର ଅତୁଳନୀୟ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହ ଆମ ସମ୍ବିଧାନର ମହତ୍ ଉଦ୍ଦେଶ୍ୟ, ମୂଲ୍ୟବୋଧ ଅନୁଯାୟୀ ଦାୟିତ୍ୱ ପାଳନକୁ ପରମ କର୍ତ୍ତବ୍ୟ ଭାବେ ଗ୍ରହଣ କରି ଏକ ଆଦର୍ଶ ଦେଶ ଗଠନ ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

କୋଭିଡ୍ ମାର୍ଗଦର୍ଶିକା ସଠିକ୍ ଭାବେ ଅନୁପାଳନ କରିବା ପାଇଁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-69
OIPR-15001/13/0119/2122

# କବି, କବିତା ଆର୍ ନିଜର୍ କଥା



ନିଜର୍ ଜୀବନ୍‌ର ହରେକ୍ ସମିଆଁ କେ ଛାତି ଥି ଜାଁକି କବିତାର ଝରନା ଟେ ବୁହେଇ ଦେସି କବି । ତା'ର ପିକାଲା ଦିନୁଁ ଖାଲି ନିଜ କେ ଚିନ୍‌ହ୍‌ବାର୍ ଆଏ ଉପେ ଥି ମାତିଥିସି ଯେ ମାତିଥିସି, ଯେନ୍ ଆଉ୍‌କେ କଢେଇ ନଉଥିସି ତାହାକେ ବାଟ୍ । ସବୁ ସମିଆଁ କେ ସେ ଖୁଂଦ୍‌ଖୁଂଦାଲି କରି ଇଁଚ୍‌ରଉ ଥିସି ଆର ସେନୁଁ ସାଆଁଟୁ ଥିସି ଗହ ଗହ ମହ ମହ ପନ ।

ସାଧା ମୁନୁଷ୍ କବି କେ ବଢେ ଅଡୁଆ ଲୋକ୍ ଟେ ବଲି ଭାବି ନେସି । କେନେ କେନ୍‌ତା କବି କେ ତ' ପାଗଲ୍ ବି ବଲସନ୍ ଗାଁ ମାଁର୍ ଲୁକେ । ଇତାର୍ ବି କାରନ୍ ଅଛେ । କବି ଯେନ୍ ପର୍‌କାରେ ନିଜର୍ ଭିତ୍‌ରେ ନିଜ୍‌କେ ଥାପି ମାରି, ନିଜ୍‌କେ ଚିନ୍‌ହ୍‌ବାର୍ ଆଏଉପେ ହର୍‌ମେସା କରୁଥିସି, କିଏ ଭେଦ୍‌ବା ତାହାକେ ! ସବୁବେଲେ କେହେନ୍‌ସି ନି କେହେନ୍‌ସି ଖୁଜାନୁରା ଥି ଲାଗି ପଡ଼ିଥିସି ବୁପ୍‌ରା କବି । କବିର ଇ' ନୁର୍‌ବାର୍ ପର୍‌କୁତିର ମୁଲ୍ କି ଟିପି କିଛି ଜାନି ନେଇଁ ପାରେ ସାଧା ମୁନୁଷ୍ । କବିର୍ ଅସଲ୍ ଜାଗା ଯେନ୍ ଠାନେ, ସେନ୍‌କେ ପୁହୁଁଚିବାର କେ ସାଧା ମୁନୁଷ୍ କେ ମହା କାଠିକର୍ ପାଠ୍ ଆଏ । ଇଥିର ଲାଗି କାଏଁସେ କବିର୍ ଭାବ୍‌ନା କେ ଜୀବନ ଜଁଜାଲ୍ ଥି ଘାଁଟି ହଉଥିବାର୍ ମୁନୁଷ୍ ହେଜି ନେଇଁପାରେ ।

ସତ୍ କହେବାର୍ ଲାଗି ଗଲେ, କବିତାର୍ ସାଂଗେ ଜୀବନର୍ ଯେତେ ଗାଢ଼ା ଲେତାଗୁତା ଅଛେ, ଜୀବନର୍ ସାଂଗେ ବି କବିତାର ସେତେ ଗାଢ଼ା ସଂପର୍କ ରହିଛେ । ନିଜର୍ ଆର୍ ନିଜର୍ ଆସ୍‌ପାସର୍ ଦୁଖ୍‌ଦଷା କେ, ହଁସା ଗିଜ୍‌ରା କେ, ସେନ୍‌ହୋ ଶର୍‌ଧା କେ ନେଇ କବି ଯେନ୍ କବିତା ଟେ ଲେଖି ଦେଇଥିସି, ସେନୁଁ ସେ ସାଁକଲି ପକାସି ଜୀବନ କେ ଉସାସେ ଉସାସେ ଜିଁ' ଦେବାର ପର୍‌ଛା ବାଟ୍ । ସେ କବିତା ଥୁଁ ପାଠକ ମାନେ ବି ପାଇ ଯାଏସନ୍ ଜୀବନ ଜିଁ'ବାର ସଲଖ୍ ସୁଂଦର୍ ଦଗ୍‌ଦଗା ହୁରି । ହେଥିର୍ କାଜେ କୁହାଯାଇଛେ, ଯେନ୍ କବି ଯେତେ ମୁହାଁମୁହିଁ ଭେଟିଛେ ସମିଆଁ କେ, ସାଆଁଟିଛେ ସମିଆଁ କେ ଆର ନିଜର୍ ଛାତି ଥି ପୁରା ବାଂଧିଛେ ବି ସମିଆଁ କେ... ସେ କବି ସେତେ ଛିଁ ପାରିଛେ ମୁନୁଷର୍ ମନ୍ ଜୀବନ୍ କେ । କବି ବିନୋଦ ଚଂଦ୍ର ନାୟକ ଝନେ ପୁଓ ବଏସର କବି କେ ଘାଏ କହିଥିଲେ– "ପହେଲା ଯ' ଆର୍ ମରନର୍ ସାଂଗେ ମୁହାଁମୁହିଁ ହ', ସେନୁ ଫିରି କରି ନିଜର୍ କଲମ୍ ଧର । ଦେଖିବ, ଜିଇଁଲା କବିତା ବାହାରିବା କଲମ ନୁଁ ।"

କବିତା ଲେଖ୍‌ବାର୍‌ଟା କି ପଢ଼୍‌ବାର୍‌ଟା ଗୁଟେ ବଏସରା ଆଏ ବଲି ସିର୍‌ଜିନା କବିଟେ କେଭେ ନେଇଁ ଭାବେ । କବିତା ଥି ସେ ଜୀବନ୍ ଜିଇଁସି । ଇ' ବଡ଼ ଗଖା ସଁସାର କେ ଘାଁଟୁଥିସି ଜେ ଘାଁଟୁଥିସି । ସେନୁ ଅମରୁତ୍ ବାହାରୁ କି ବଷ୍... ସେ'ଟା କେ ସାଁକଲି ଗହ ଗହ ମହ ମହ ହଉଥିସି ଅଁଠିପହର୍ ।

ହାତ ଅମ୍‌ରେଇ ହେଲା ଖେକ୍‌ନି ନେ ବି ଝୁଲୁଥିବାର ସୁଖର୍ ଥଏଲି କେ ଟପୋ କରି ନେଇଁ ହାତ୍‌ଲେ କି କେନ୍ ଗୁଟେ ଗାଢ଼ା ରାତିର ଆଏର ନୁଁ ଆ' ଆ' ବଲି ଡାକୁଥିବାର ବହକିଆ ସୁର ଆଡ଼େ ମୁହୁଁ ନେଇଁ ବୁଲେଇ ପାରେ କେଭେ ବି କବି । ତା'ର ପଛେ କାଣା ଅଛେ, ଆର ପଛେ କାଣା ଅଛେ... ନୁରୁଥିସି ଯେ ନୁରୁଥିସି । ଏନତା କି ନିଜର ଗାଗ୍‌ରେ ନିଜେ ଖୁଂଦି ଖୁଂଦି ଖଁଡ଼ିଆ ହେଇ ଘା'ର ଦୁଖା କେ ମନ ଭରତେଲ ପିଉଥିସି ବି ବୁପ୍‌ରା କେନେ କେନ୍‌ତା ।

ସମାଜ୍ ଥି ଚାଲିଥିବାର ବିଧି ବେବସ୍ଥା କେ ହେନ୍‌ତେ ହି ଟପୋ କରି ମାନି ନେଇଁପାରେ କବି କି ଉସନାକ୍‌ର ଖଲାଟେ ବଲି ଜୀବନ କେ ବି କେଭେ ନେଇଁ ଭାବେ । ତାହାକେ କେଭେ ବାଏବିଛୋ ନେଇଁ କରିପାରେ ଗୁଡ଼ିର ଘଁଟ ଶବଦ କି ଗିର୍‌ଜା, ମସଜିଦ୍‌ର ଭକ୍‌ତିଆ ପନ୍ । ଏନ୍‌ତା କି ତାହାକେ ବାଂଧି ନେଇଁପାରେ ନିଜର ସପନ୍ ରାନୀର୍ ଭାବ ବି କେଭେ କେନ୍‌ତା । କାହାର୍ ବୋଲ୍‌କରା ହେବାକେ ତାର୍ ନିସ୍‌ପତି ପସଂଦ ନେଇଁ । ନିଜେ ବି କେଭେ କାହାର୍ ନେ ସାଁକାର ପନ୍ ନେଇଁ ଲଦି ଦିଏ ଭାବେ ହଉ କି ଅଭାବେ ହଉ ।

କବି ଝନେ ଅଡୁଆ ଲୋକ । ସାଧା ମୁନୁଷ୍ ଟେ ନିଜର୍ ଭିତରେ ଥିବାର ଅନମୁନ୍‌ଷିଆ ପନ୍‌କେ ହର୍‌ସେସା ଲୁକାବାର୍ କେ ଚାହୁଁଥିଲା ବେଲ୍‌କେ ବୁପରା କବି ନିଜର ମୁନୁଷ୍ ପନ ନୁଁ ପଶୁ ପନ୍ ତକ୍ ସବୁକେ ଟପୋ ଟାପୋ ଡିବ୍‌ଡ଼ିବି ପିଟି ଦେସି କବିତାର ଗାଗ୍‌ରେ । କେତେବେଲେ ରଟ୍ ଖରା ଥି ଠାଡ୍ ହେଇ ଜନ୍ ତରାର୍ ଶୀତଲ୍ ପନ୍ କେ ହେତଉ ଥିସି, ତ କେତେବେଲେ ଗୁର୍‌ଦୁ ଦିନର୍ ଉପାସ୍ ଉତରୁ ହେଜୁଥିସି ଖାଏବାର ଗର୍‌ସା କେ ।

ନିଜର ଭିତ୍‌ରେ ଏକା ଭୋକକେ ଖୁଂଦି ଭୋକ୍ ନୁଁ ଖାଏବାର୍ ଗର୍‌ସା ତକ୍ ଥିବାର ଧର୍‌ସା ଥି ଟରୋ ଟରୋ ଚାଲୁଥିସି । ନିଜର୍ ଭିତ୍‌ରେ ଏକା ପାଉଥିସି, ହଜଉଥିସି ସକାଲ୍‌କେ । ଅଂଧାର୍‌କେ ବି । କବି ନିଜେ ଏକା ଗୁଟେ ଗଖା ପୁର୍‌ଥୀ ଆର୍ ତା'ର ଭିତ୍‌ରେ ଖୁଂଦି ହେଇଥିସି ସବୁ ଜିଇଁଲା ଛାଏଁ ।

ସାଧା ମୁନୁଷ୍‌ଟେ ବିପଦ୍ ନୁଁ ନିଜ୍‌କେ ହଟେଇ ଆନ୍‌ବାକେ ଚାହୁଁଥିଲା ବେଲ୍‌କେ ବିପଦ ସାଂଗେ ମାରସାତ୍ ବସବାର୍‌କେ କବିର୍ ବଡ଼ା ମନ୍ । ହେଥି ବି ସେ ବଡ଼ା ଉସତ୍ ।

**– ଆନଂଦ ଚଂଦ୍ର ସାହୁ**

## ସଂପାଦକୀୟ

### ମହାତ୍ମା ଗାନ୍ଧୀଙ୍କ ମୂଲ୍ୟବାନ ଚିନ୍ତାଧାରା ଆଜିର ଯୁବପିଢ଼ି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ଜାତିର ଜନକ ମହାତ୍ମା ଗାନ୍ଧୀ ଦେଶ ତଥା ବିଶ୍ୱକୁ ଅହିଂସା ପଥ ଅନୁସରଣ କରିବାକୁ ଶିକ୍ଷା ଦେଇଛନ୍ତି । ସମଗ୍ର ଦେଶ ଜାତିର ପିତାଙ୍କୁ ମନେ ରଖିଛି ଓ ମନେ ରଖିବ ମଧ୍ୟ ସବୁଦିନ ପାଇଁ । ବାପୁଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଅନୁସରଣ କରି କେବଳ ସମାଜ ପରିବର୍ତ୍ତନ ହୋଇପାରିବ ତାହା ନୁହେଁ, ଦେଶ ତଥା ବିଶ୍ୱକୁ ମଧ୍ୟ ବାପୁଙ୍କ ଆଦର୍ଶରେ ଏକ ନୂତନ ରାସ୍ତା ଦିଆଯାଇ ପାରିବ; ଏଥିରେ ସାମାନ୍ୟ ମଧ୍ୟ ସଂଦେହ ନାହିଁ । ଯୁବ ପିଢ଼ି ପାଇଁ ବାପୁଙ୍କ ଅମୂଲ୍ୟ ଚିନ୍ତାଧାରା ନୂତନ ଯୁଗ ପ୍ରସଙ୍ଗରେ ମଧ୍ୟ ଅନେକ ଯଥାର୍ଥତା ବହନ କରୁଛି ।

ଆସନ୍ତୁ ବାପୁଙ୍କ ସେହି ୧୦ଟି ଚିନ୍ତାଧାରା ଉପରେ ନଜର ପକାଇବା, ଯାହାର ପ୍ରାସଙ୍ଗିକତା ସର୍ବଦା ରହିଛି । ୧. ନିଜ ଭିତରେ ତାହା ପରିବର୍ତ୍ତନ କର, ଯାହା ଅନ୍ୟମାନଙ୍କ ଠାରେ ଦେଖିବାକୁ ଚାହୁଁଛ । ୨. ପ୍ରଥମେ ସେମାନେ ତୁମକୁ ଅଣଦେଖା କରିବେ, ତାପରେ ସେମାନେ ତୁମକୁ ହସିବେ, ଏହାପରେ ସେମାନେ ତୁମ ସହିତ ଯୁଦ୍ଧ କରିବେ ଏବଂ ତା'ପରେ ତୁମେ ଜିତିବ । ୩. ଯେଉଁ ଦିନଠାରୁ ଜଣେ ମହିଳା ରାତିରେ ନିର୍ଭୟରେ ରାସ୍ତାରେ ଚାଲି ପାରିବ, ସେହି ଦିନଠାରୁ ଆମେ କହିପାରିବା ଯେ ଭାରତ ସ୍ୱାଧୀନତା ହାସଲ କରିଛି । ୪. ବିନମ୍ର ଭାବରେ ଆପଣ ଦୁନିଆକୁ ଦୋହଲାଇ ଦେଇ ପାରିବେ । ୫. ଶକ୍ତି ଶାରୀରିକ ସାମର୍ଥ୍ୟରୁ ଆସେ ନାହିଁ । ଏହା ଅଦମ୍ୟ ଇଚ୍ଛା ଶକ୍ତିରୁ ଆସିଥାଏ । ୬. ବିଶ୍ୱାସକୁ ସର୍ବଦା ତର୍କ ଦ୍ୱାରା ଓଜନ କରାଯିବା ଉଚିତ୍ । ଯେତେବେଳେ ବିଶ୍ୱାସ ଅନ୍ଧ ହୋଇଯାଏ, ସେତେବେଳେ ତାହାର ମୃତ୍ୟୁ ଘଟେ । ୭. ଆଜି ଆପଣ ଯାହା କରୁଛନ୍ତି, ତାହା ଉପରେ ଆପଣଙ୍କ ଭବିଷ୍ୟତ ନିର୍ଭର କରେ । ୮. ହୋଇପାରେ ଆମେ ଠୋକର୍ ଖାଇ ଝୁଂଟି ପଡ଼ିବା, କିନ୍ତୁ ଆମେ ଉଠି ପାରିବା । ଯୁଦ୍ଧରୁ ପଳାୟନ କରିବା ଅପେକ୍ଷା ଏହା ବହୁତ ଭଲ । ୯. ମୁଁ କେବଳ ଲୋକଙ୍କ ଭଲ ଗୁଣକୁ ଦେଖେ, ସେମାନଙ୍କର ଦୋଷ ଗଣନା କରେ ନାହିଁ । ୧୦. ଅହିଂସା ହେଉଛି ମାନବିକତା ପାଇଁ ସବୁଠାରୁ ବଡ ଶକ୍ତି । ମନୁଷ୍ୟ ଦ୍ୱାରା ନିର୍ମିତ ବିନାଶକାରୀ ଶକ୍ତିଶାଳୀ ଅସ୍ତ୍ର ଅପେକ୍ଷା ଏହା ଅଧିକ ଶକ୍ତିଶାଳୀ ।

ଉପରୋକ୍ତ ବାପୁଙ୍କ ଚିନ୍ତନ ଓ ଆଦର୍ଶକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଭାବରେ ଜାଣିହୁଏ ଯେ, ବାପୁଙ୍କ ଦର୍ଶନ ଯୁଗ ଯୁଗ ପାଇଁ ପ୍ରଯୁଜ୍ୟ । ଜଣେ ଶିଷ୍ଟ ମଣିଷର ସମାଜରେ ସୁସ୍ଥ ଭାବରେ ବଂଚିବାକୁ ହେଲେ ଯାହା ସବୁ ଆଦର୍ଶ ଲୋଡ଼ା, ସେସବୁ ଭରି ରହିଛି ଗାନ୍ଧୀଙ୍କ ଦର୍ଶନରେ । ଯୁଗ ଯୁଗ ଧରି ଗାନ୍ଧୀ ଦର୍ଶନ ବିଶ୍ୱବାସୀଙ୍କୁ ସତ୍ ପଥ ପ୍ରଦର୍ଶନ କରି ପାରିବ, ଏହା ଛାତିରେ ହାତ ଦେଇ କୁହାଯାଇପାରେ ।

# ଭଡାଟିଆ ସେନାବାହିନୀ

**– ସୌମେନ୍ଦ୍ର ଜେନା**




ଅତୀତ କାଳରେ ରାଜା-ମହାରାଜା ଏବଂ ସାମନ୍ତ ରାଜାମାନେ ଏମିତି ଭଡାଟିଆ ସେନାଙ୍କୁ ବ୍ୟବହାର କରୁଥିଲେ । ଏବେ ଲୋକଙ୍କୁ ଦମନ କରିବା ପାଇଁ ସେମିତି ଆମେରିକା ଓ ରୁଷିଆ ନିଜର ଲକ୍ଷ୍ୟସାଧନ ପାଇଁ ସେନାଙ୍କୁ ବ୍ୟବହାର ନକରି ଭଡାଟିଆ ସେନାବାହିନୀ ବା ବେସରକାରୀ ସେନାଙ୍କୁ ଉପଯୋଗ କରୁଛନ୍ତି । ଇରାକ୍, ସିରିଆ, ଆଫଗାନିସ୍ଥାନ ଆଦି ଦେଶରେ ଠିକାଦାରମାନଙ୍କ ଦ୍ୱାରା ପରିଚାଳିତ ଭଡାଟିଆ ସେନା ସରକାରଙ୍କ ନିର୍ଦ୍ଦେଶରେ ଲଢିଥିବା ବିଷୟ ସମସ୍ତଙ୍କୁ ଜଣାଅଛି । ଆଜିର ସମୟରେ କମ୍ପାନୀସେନା ବା ଭଡାଟିଆ ସେନାବାହିନୀ ହଜାର ହଜାର କୋଟିର ବ୍ୟବସାୟରେ ପରିଣତ ହୋଇଛି । ଏହି ଭଡାଟିଆ ଯବାନମାନେ ଟଙ୍କା ପାଇଁ ଠିକାଦାର କିମ୍ବା କମ୍ପାନୀ ପାଇଁ ନିୟମିତ ସେନାପରି ଲକ୍ଷ୍ୟନେଇ କାର୍ଯ୍ୟ କରିଥାନ୍ତି । ଏମାନେ ଦେଶପ୍ରତି ନୁହେଁ ନିଜର ନିଯୁକ୍ତିଦାତା ପ୍ରତି ଅନୁରକ୍ତ ରହିଥାନ୍ତି । କାର୍ଯ୍ୟରେ ସ୍ୱଚ୍ଛତା, ଦାୟିତ୍ୱବୋଧ, ମାନବିକତା, ରାଜନୈତିକ ସମ୍ମତିର କୌଣସି ମୂଲ୍ୟ ଏମାନଙ୍କ ନିକଟରେ ନଥାଏ । ଏମାନେ ରାଷ୍ଟ୍ର ପ୍ରେମ ନୁହେଁ ଅର୍ଥ ପ୍ରତି ଶ୍ରଦ୍ଧାକୁ ନେଇ ସଂଘର୍ଷରେ ସାମିଲ ହୋଇଥାନ୍ତି । ଜାତିସଂଘର ଆଇନ ଅନୁସାରେ ବେସରକାରୀ ସେନାବାହିନୀ, ସେନା ଠିକାଦାରୀ ଆଦି ବେଆଇନ ହୋଇଥିଲେ ମଧ୍ୟ ଏବେ ତାହା ୧୦୦ ବିଲିଅନ ଡଲାରର ବ୍ୟବସାୟରେ ପରିଣତ ହୋଇଛି । ଆମେରିକାର ଏମିତି ଏକ ସେନାବାହିନୀ କମ୍ପାନୀ ଏକାଡେମୀ ନାମରେ ରହିଛି ଯାହାର ଯବାନମାନେ ବ୍ଲାକ ୱାଟର ନାମରେ କାର୍ଯ୍ୟ କରିଛନ୍ତି । ୨୬ଡିସେମ୍ବର ୧୯୯୬ରେ ଆମେରିକାର ପୂର୍ବତନ ନୌସେନା ଅଧିକାରୀ ଏରିକ ପ୍ରିନ୍ସଙ୍କ ଦ୍ୱାରା ବ୍ଲାକୱାଟର ସଂସ୍ଥା ଆରମ୍ଭ ହୋଇଥିଲା । ୨୦୦୯ରେ ଏହା ଏକ୍ସଇ ସର୍ଭିସେସ୍ ଏବଂ ୨୦୧୧ ଠାରୁ ଏହା ଏକାଡେମୀ ନାମରେ କାର୍ଯ୍ୟ କରୁଛି । ୨୦୦୭ରେ ଏହାର ଯବାନମାନେ ଇରାକର ରାଜଧାନୀ ବାଗ୍‌ଦାଦ୍‌ର ନିସୋର ସ୍କୋୟାରଠାରେ ୧୭ଜଣ ସାଧାରଣ ନାଗରିକଙ୍କୁ ଆଖିବୁଜା ଗୁଳିକରି ହତ୍ୟା କରିବା ସହ ୨୦ଜଣଙ୍କୁ ଆହତ କରିଥିଲେ । କିନ୍ତୁ ଏହି ହତ୍ୟାକାରୀ ଯବାନମାନଙ୍କୁ ୨୨ଡିସେମ୍ବର ୨୦୨୦ରେ ଡୋନାଲଡ୍ ଟ୍ରମ୍ପଙ୍କ ସରକାର ସାତଖୁଣ ମାଫ୍‌କରି ଛାଡି ଦେଇଥିଲେ । ଭର୍ଜିନିଆ ରାଜ୍ୟର ସନ୍‌ରାଇଜ ଭାଲୀ ଠାରେ ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ରହିଛି । କେଗ୍ର ନିକ୍‌ସନ୍ ଏବଂ ଆଲେନ୍ ସ୍କାଫର ଏହି ସଂସ୍ଥାକୁ ଏବେ ଚଳାଉଛନ୍ତି । ଆମେରିକାର ଗୋଇନ୍ଦା ସଂସ୍ଥା ସିଆଇଏ ପାଇଁ ୨୦୦୩ରୁ ଏହି ସଂସ୍ଥା ସେବା ଯୋଗାଇ ଦେଇଆସିଛି । ୨୦୧୩ରେ ସଂସ୍ଥା ପ୍ରାୟ ୯୨ ମିଲିଅନ ଡଲାରର ଠିକା ସୁରକ୍ଷା ବାବଦକୁ ଆମେରିକାର ସରକାରଙ୍କଠାରୁ ପାଇଥିଲା । ୨୦୧୪ରୁ ଏହ ସଂସ୍ଥା କନ୍‌ଷ୍ଟେଲିସ୍ ଗ୍ରୁପରେ ମିଶି କାର୍ଯ୍ୟ କରୁଛି । ୨୦୧୫ରେ ୟେମେନରେ ହୁଥୀ ବିଦ୍ରୋହୀଙ୍କ ବିରୋଧରେ ଲଢିବା ପାଇଁ ଏମିରେଟ ସରକାର ଅଷ୍ଟ୍ରେଲିଆର ଜଣେ କମାଣ୍ଡରଙ୍କ ନେତୃତ୍ୱରେ କଲମ୍ବିଆରୁ ଯେଉଁ ଭଡାଟିଆ ସେନା ନେଇଥିଲେ ସେମାନଙ୍କ ମଧ୍ୟରୁ ୬ଜଣଙ୍କର ମୃତ୍ୟୁ ହୋଇଥିବା ଖବର ଜଣାପଡିଥିଲା । ୧୭ ଜାନୁଆରୀ ୨୦୧୬ରେ ହୁଥୀ ନେତା ଅଲି ଅଲହୁଥୀ ପ୍ରକାଶ କରିଥିଲେ ଯେ ସେମାନଙ୍କ ଟୋଚ୍‌କା କ୍ଷେପଣାସ୍ତ୍ର ସାଉଦି ନେତୃତ୍ୱରେ ପରିଚାଳିତ ବାହିନୀକୁ ମାରିବଠାରେ ଆଘାତ କରିଥିଲା ଯେଉଁଥିରେ ୧୨୦ରୁ ଅଧିକ ଭଡାଟିଆ ସେନା, ୯ସାଉଦି ଅଧିକାରୀ, ୧୧ ଏମିରେଟ ଅଧିକାରୀ, ୧୧ ବ୍ଲାକୱାଟର ଯବାନଙ୍କ ମୃତ୍ୟୁ ହୋଇଥିଲା । ଆମେରିକାର କୋଲୋନେଲ ନିକୋଲାସ ପେଟ୍ରାସଙ୍କର ମୃତ୍ୟୁ ମଧ୍ୟ କ୍ଷେପଣାସ୍ତ୍ର ମାଡ ଯୋଗୁ ହୋଇଥିଲା । ଇରାକ୍‌ରେ ଲଢିବା ପାଇଁ ପ୍ରାୟ ୩୨୦ ମିଲିଅନ ଡଲାର ଠିକା ବ୍ଲାକ୍ ୱାଟରକୁ ମିଳିଥିଲା । ୨୦୦୦୦ରୁ ୩୦୦୦୦ ଠିକାଦାରଙ୍କୁ ନେଇ କମ୍ପାନୀ ଇରାକ ଆକ୍ରମଣରେ ଲଗାଇଥିଲା ଯେଉଁଥିରେ ୨୧୦୦୦ ଅବସରପ୍ରାପ୍ତ ସ୍ପେସାଲ ଫୋର୍ସ ଓ ଆମେରିକାର ଯବାନ ସାମିଲ ଥିଲେ । ରୁଷିଆର ଏମିତି ଭଡାଟିଆ ସେନାବାହିନୀ ହେଲା ୱାଗନର ଗ୍ରୁପ୍ । ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କର ବ୍ୟବସାୟୀ ବନ୍ଧୁ ୟେଭଗେନୀ ପ୍ରିଗୋଟିନ୍ ଏହାର ପ୍ରତିଷ୍ଠାତା । ତେବେ ତାଙ୍କୁ ଲେଫ୍‌ଟନାଣ୍ଟ କୋଲୋନେଲ ଦିମିତ୍ରି ଉଟକିନ ଏବଂ କୋଲୋନେଲ କନଷ୍ଟାଣ୍ଟିନ ପିକାଲୋଭ ଏଥିରେ ସାହାଯ୍ୟ କରୁଛନ୍ତି । ୨୦୧୪ରୁ ଏହି କମ୍ପାନୀ ୧୦୦୦ ଯବାନଙ୍କୁ ନେଇ ଆରମ୍ଭ ହୋଇଥିଲା । ଡିସେମ୍ବର ୨୦୧୭ ବେଳକୁ ପ୍ରାୟ ୬୦୦୦ ଯବାନ କମ୍ପାନୀରେ କାର୍ଯ୍ୟ କରୁଥିଲେ । ବିଗତ ୮ବର୍ଷରେ କ୍ରିମିଆର ଡୋନବାସ୍ ଯୁଦ୍ଧ, ୟୁକ୍ରେନ ବିମାନ ବାହିନୀର ଇଲ୍ୟୁସିନ -୭୬ ବିମାନକୁ ନଷ୍ଟ କରିବା, ସିରିଆର ଯୁଦ୍ଧ, ୨୦୧୫-୧୬ର ଲାଟକିଆ ଯୁଦ୍ଧ, ୨୦୧୬ରେ ସିରିଆର ଉତ୍ତର ଆଲେପୋ ଯୁଦ୍ଧ, ସିରିଆର ପାଲମିରା ଯୁଦ୍ଧ, ଇଡଲିବ ଯୁଦ୍ଧ, ସୁଦାନ ଗୃହଯୁଦ୍ଧ, ମାଲି ଯୁଦ୍ଧ, କାବୋ ଡେଲ୍‌ଗାଡୋରେ ଯୁଦ୍ଧ, ଲିବିୟା ଗୃହଯୁଦ୍ଧ ଆଦିରେ ଏହି କମ୍ପାନୀର ଯବାନମାନେ ସଂପୃକ୍ତ ରହିଆସିଛନ୍ତି । ୨୦୧୬ ଡିସେମ୍ବରରେ ରୁଷିଆ ପାଇଁ ସେବା ଯୋଗୁଁ କ୍ରେମଲିନଠାରେ କମ୍ପାନୀର ଅଧିକାରୀ ଆଲେକଜାଣ୍ଡର କୁଜ୍‌ନେତ୍‌ସୋଭ, ଆଣ୍ଡ୍ରି ବୋଗାଟୋଭ, ଆଣ୍ଡ୍ରି ଟ୍ରୋସେଭ ଓ ଉଟକିନ୍‌ଙ୍କୁ ସରକାରଙ୍କ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଥିଲା, ଯେଉଁଥିରେ ପୁତିନ ଉପସ୍ଥିତ ରହିଥିଲେ । ୧୫ଏପ୍ରିଲ ୨୦୧୮ରେ ରୁଷିଆର ସାମ୍ବାଦିକ ମାସିକିମ ବୋରୋଦିନଙ୍କର ୟେକଟେରିନ ବର୍ଗଠାରେ ରହସ୍ୟଜନକ ମୃତ୍ୟୁ ହୋଇଥିଲା । ସିରିଆରେ ଆମେରିକା ସମର୍ଥିତ ଗୋଷ୍ଠୀ ବିରୋଧରେ ଲଢି ମୃତ୍ୟୁବରଣ କରିଥିବା ୱାଗନର ଯବାନଙ୍କ ସଂପର୍କରେ ସେ ଖବର ପ୍ରକାଶ କରି ଚର୍ଚ୍ଚାକୁ ଆସିଥିଲେ । ସେମିତି ୩୦ଜୁଲାଇ ୨୦୧୮ରେ ତିନିଜଣ ରୁଷ ସାମ୍ବାଦିକ କିରିଲ ରାଡଚେଙ୍କ, ଆଲେକ୍‌ଜାଣ୍ଡର ରଷ୍ଟୋରଗୁଏଭ, ଓରଖାନ ଝେମାଲଙ୍କୁ କେନ୍ଦ୍ର ଆଫ୍ରିକାନ ରିପବ୍ଲିକ୍ ଠାରେ ହତ୍ୟା କରାଯାଇଥିଲା । ସେମାନେ ୱାଗନର ଯବାନଙ୍କ କାର୍ଯ୍ୟ ସଂପର୍କରେ ରିପୋର୍ଟ ଲେଖିବାକୁ ଯାଇଥିଲେ । ଏହି ଦୁଇଟି ହତ୍ୟାକାଣ୍ଡ ପଛରେ ୱାଗନର ଯବାନମାନେ ରହିଥିବା ଅଭିଯୋଗ ହୋଇଥାଏ । ୱାଗନର କାର୍ଯ୍ୟକଳାପକୁ ନେଇ ଗଣମାଧ୍ୟମରେ ସମ୍ବାଦ ପ୍ରକାଶନକୁ ବନ୍ଦ କରିବାକୁ ସେହି ହତ୍ୟାକାଣ୍ଡ ହୋଇଥିଲା । ସେହି ଖବରପ୍ରକାଶ ଯୋଗୁ ରୁଷିଆର ସରକାର ଦେଶ ଭିତରେ ସମାଲୋଚିତ ହୋଇଥିଲେ । ପୁତିନଙ୍କୁ ସୁରକ୍ଷା ଦେବା ପାଇଁ ସାମ୍ବାଦିକମାନଙ୍କୁ ଶେଷ କରାଯାଇଥିଲା ବୋଲି କୁହାଯାଏ । ଏହି ଭଡାଟିଆ ସେନାବାହିନୀ ଗଣର କଣ୍ଠରୋଧ ପାଇଁ ନିଜ ଦେଶର ଲୋକଙ୍କୁ ମଧ୍ୟ ହତ୍ୟା କରିପାରନ୍ତି, ସରକାରଙ୍କ ପାଇଁ କାର୍ଯ୍ୟକରି ସାତଖୁଣ ମାଫ୍ ପାଇଥାନ୍ତି, ଯାହା ବର୍ତ୍ତମାନର ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ପାଇଁ ସନ୍ତ୍ରାସର ଅନ୍ୟ ଏକ ରୂପରେ ବିପଦ ବୋଲି କୁହାଯାଇପାରେ ।

# ଭୋଟ ଗଣତି କେନ୍ଦ୍ରକୁ ତଦାରଖ କଲେ ବଲାଙ୍ଗିର ଜିଲ୍ଲାପାଳ, ଆରକ୍ଷୀ ଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ



ସଇଁତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ୨୨ଟି ପଞ୍ଚାୟତରେ ଚଳିତ ବର୍ଷ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ରାଜନୈତିକ ଦଳ ମଧ୍ୟରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ କଡାକଡି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ କୋଭିଡ଼ ନିୟମକୁ ପାଳନ କରିବାକୁ ସଚେତନ କରାଯାଉଛି । ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ଼ ସଭ୍ୟମାନଙ୍କୁ ବାଛିବା ନେଇ ଏହି ନିର୍ବାଚନ ହେବାକୁ ଯାଉଛି ।

ତେବେ କିଭଳି ଭାବେ ସୁରୁଖୁରୁରେ ନିର୍ବାଚନ ଶେଷ ହେବ, ତାହାକୁ ନେଇ ଜିଲ୍ଲା ପ୍ରଶାସନ ମଧ୍ୟ ତତ୍ପର ରହିଛି । ଗାଁ ଗାଁରେ ଭୋଟ ହାତେଇବା ପାଇଁ ପ୍ରଚାର ପ୍ରସାର ଆରମ୍ଭ ମଧ୍ୟ ହେଲାଣି । ତେବେ ଏହାକୁ ଦୃଷ୍ଟିରେ ରଖି ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ଆରକ୍ଷୀ ଅଧିକାରୀ ନୀତିନ କୁଶଲକର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ ପ୍ରମୁଖ ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ସ୍ଥାନୀୟ ପଞ୍ଚାୟତ କଲେଜ ଭୋଟ ଗଣତି କେନ୍ଦ୍ରକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବିଡିଓ ଚନ୍ଦ୍ରମଣି ନାଗ, ଏସଡ଼ିପିଓ ସୁରେନ୍ଦ୍ର ନାଥ ଶତପଥୀ, ସ୍ଥାନୀୟ ଥାନା ଅଧିକାରୀ ଅବନୀ କୁମାର ସାହୁ ପ୍ରମୁଖଙ୍କ ଉପସ୍ଥିତରେ କିପରି ଭାବରେ ସ୍ୱଚ୍ଛ ଓ ନିର୍ମଳ ଭାବରେ ନିର୍ବାଚନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ତେବେ ଏହି ବ୍ଲକରେ ୨୨ଟି ପଞ୍ଚାୟତରେ ୨୭୨ଟି ମତଦାନ କେନ୍ଦ୍ର କରାଯାଇ ଥିବାବେଳେ ୮୫ ହଜାର ୧୮୮ ଜଣ ଭୋଟର ସେମାନଙ୍କ ମତଦାନ କରିବେ ବୋଲି ଜଣାପଡିଛି । ଏମାନଙ୍କ ମଧ୍ୟରୁ ୪୪ ହଜାର ୨୩୪ ଜଣ ପୁରୁଷ ଥିବା ବେଳେ ୪୦ ହଜାର ୯୫୧ ଜଣ ମହିଳା ରହିଛନ୍ତି ।

# ଦେଓଗାଁ ବ୍ଲକ ଆଦିବାସୀ ସଂଘର ଜରୁରୀ ବୈଠକ

**ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ସହ ୫ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ସାମାଜିକ ବାସନ୍ଦ**

**ବିଜେଡି ପ୍ରାର୍ଥୀଙ୍କ ଶାଶୁଙ୍କ ଶବ ପଡିରହିଲା ୫ଘଣ୍ଟା, ସଂଘର ନିଷ୍ପତ୍ତି ପରେ ଉଠିଲା ଶବ, ଅପରାହ୍ନରେ ହେଲା ସତ୍କାର**



ଦେଓଗାଁ, (ନିପ୍ର) : ପଞ୍ଚାୟତ ନିର୍ବାଚନରେ ସରକାର ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ପଦବୀରେ ଆଦିବାସୀଙ୍କୁ ସଂରକ୍ଷଣ ନ ଦେଇ ଅଣଦେଖା କରିଥିବାରୁ ଲଢ଼େଇ କରୁଥିବା ଆଦିବାସୀ ସଂଘ ନେଇଛି କୋଠର ନିଷ୍ପତ୍ତି । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନରେ ଜରୁରୀ ବୈଠକ କରି ଜଣେ ଜିଲ୍ଲା ପରିଷଦ ସଭ୍ୟା ପ୍ରାର୍ଥୀ ଓ ୫ଜଣ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ସାମାଜିକ ଓ ରାଜନୈତିକ ବାସନ୍ଦ କରିଛି ସଂଘ । ଫଳରେ ୫ ଘଣ୍ଟା ଧରି ଘରେ ପଡିରହିଲା ବିଜେଡି ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ଶାଶୁଙ୍କ ଶବ । ଦେଓଗାଁ ବ୍ଲକ ବିଜେଡି ମହିଳା ସଭାପତି ତଥା ୧୨ ନମ୍ବର ଜୋନରୁ ପ୍ରାର୍ଥୀ ହୋଇଥିବା ମମତା କୁମୁରାଙ୍କ ଶାଶୁ ସୌଦାମିନୀ କୁମୁରାଙ୍କ ବିୟୋଗ ଘଟିଥିଲା ଗତକାଲି ସକାଳ ପ୍ରାୟ ୧୦ଟାରେ । ହେଲେ କେହି ଜାତିଭାଇ ନ ଆସିବାରୁ ୫ ଘଣ୍ଟାକାଳ ପଡିରହିଥିଲା ଶବ । ଅନ୍ୟ ପଟେ ଅପରାହ୍ନରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରକୁ ନେଇ ବ୍ଲକ ନିକଟସ୍ଥ ଖେଳପଡିଆରେ ଏକତ୍ରିତ ହୋଇଥିଲେ ଆଦିବାସୀ ସଂଘର ନେତୃବୃନ୍ଦ । ସଂଘ ନିୟମ ଖିଲାପ କରିଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲକ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ କରିଥିଲା ସଂଘ । ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନଥିବା ବଲାଙ୍ଗିର ଜିଲ୍ଲା ପରିଷଦ ଜୋନ ୧୨ର ବିଜେଡି ପ୍ରାର୍ଥୀ ମମତା କୁମୁରାଙ୍କୁ ସମାଜରୁ ବାସନ୍ଦ କରାଗଲା ବୋଲି ଘୋଷଣା କରିବା ପରେ ଘରୁ ଉଠିଥିଲା ଶାଶୁଙ୍କ ଶବ । ଅପରାହ୍ନ ପ୍ରାୟ ୫ଟା ବେଳେ ଗାଁ ମଶାଣୀରେ ପାରମ୍ପାରିକ ଭାବେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା ।

ଆଦିବାସୀ ସମାଜର କର୍ମକର୍ତ୍ତାମାନେ ହାତୀସରା ଗାଁର ଶ୍ରୀମତୀ କୁମୁରାଙ୍କ ଘରକୁ ଯାଇ ନିଷ୍ପତ୍ତି ଜଣାଇଥିବା ଜଣାପଡିଛି । କେବଳ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ନୁହନ୍ତି ସମିତି ସଭ୍ୟ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଲଣ୍ଡାପଥରର ଗୁଣନିଧୀ ଭୋଇ, ରାମଚନ୍ଦ୍ରପୁରର ଶମ୍ଭୁ ଧରୁଆ, ସିଂହାମୁଣ୍ଡାର ବୈଷ୍ଣବ ଧରୁଆ, ଦେଷଣ୍ଡର ଆରତୀ ଧରୁଆ ଓ ମହଲାଇର ବିଶାଖା କୁଅଁରଙ୍କୁ ମଧ୍ୟ ସାମାଜିକ ଓ ରାଜନୈତିକ ବାସନ୍ଦ କରିଥିବାର ସୂଚନା ଦେଇଛି ବ୍ଲକ ଆଦିବାସୀ ସଂଘ । ଏନେଇ ସଂଘର କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କୁ ପଚାରିବାରୁ ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିବା ଆସନରେ ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା, ସଂଘର ନିଷ୍ପତ୍ତି ଅନୁଯାୟୀ ସଂରକ୍ଷିତ ଆସନରୁ ସମସ୍ତେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା କଥା । କିନ୍ତୁ ନିୟମକୁ ଖାତିର କରିନଥିବା ପ୍ରାର୍ଥୀଙ୍କ ପ୍ରତି ସାମାଜିକ ବାସନ୍ଦ କରାଯାଇଛି ବୋଲି କହିଛନ୍ତି ।

ଏହି ବୈଠକରେ ଆଦିବାସୀ ନେତା ମହେନ୍ଦ୍ର ମଲ୍ଲିକ, ମୟ ପ୍ରଧାନୀ, ପୁରନ୍ଦର ଭୋଇଙ୍କ ସହ ଶତାଧିକ ଆଦିବାସୀ ଉପସ୍ଥିତ ଥିଲେ ।

# ଗଞ୍ଜାମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



ବ୍ରହ୍ମପୁର, (ନିପ୍ର) : ଗଞ୍ଜାମ ଜିଲ୍ଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ସାମାରୋହ ଜିଲ୍ଲା ସଦରମହକୁମା ଛତ୍ରପୁର ସ୍ଥ ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ସମ୍ମାନୀୟ ମୁଖ୍ୟ ଅତିଥି ମିଶନ ଶକ୍ତି ତଥା ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ ଏବଂ ସମବେତ ଜନତାଙ୍କୁ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ସୁନ୍ଦର ସବୁଜିମା ଭରା ଏବଂ ଐତିହ ଓ ସାଂସ୍କୃତିକ ବିଭବ ଗଞ୍ଜାମ ମାଟିର ବୀର ସନ୍ତାନମାନଙ୍କ ଗୌରବର ଗାଥାକୁ ପ୍ରତିପାଦନ କରି ଜିଲ୍ଲାର ଦର୍ଶନୀୟ ଓ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଉପରେ ଖୁବ ପ୍ରଶଂନୀୟ ବାର୍ତ୍ତାଦେଇ ତାତ୍ତ୍ୱିକ ବ୍ୟକ୍ତ କରିଥିଲେ । କୋରନାର ତୃତୀୟ ଲହରରେ ବାକି ରହିଯାଇଥିବା ଅନ୍ୟ କିଛି ବ୍ୟକ୍ତି ବିଶେଷଙ୍କ ସହ କାର୍ଯ୍ୟକ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିବା ବହୁ ପଦାଧିକାରୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀମତୀ ସାହୁ ପୁରସ୍କୃତ କରିଥିଲେ । ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ, ଛତ୍ରପୁର ବିଧାୟକ ସୁବାସଚନ୍ଦ୍ର ବେହେରା ପ୍ରମୁଖ ବହୁଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ କୋରନା କଟକଣା ମଧ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

# ବେଲପଡ଼ାର ଗୋଟିଏ ପରିବାରର ୭ଜଣ ସମିତି ସଭ୍ୟ ପ୍ରାର୍ଥୀ



ବେଲପଡ଼ା, (ନିପ୍ର) : ବେଲପଡ଼ାର ଗୋଟିଏ ପରିବାରରୁ ୭ଜଣ ସମିତିସଭ୍ୟ ପଦ ପାଇଁ ପ୍ରାର୍ଥୀ ହୋଇଛନ୍ତି । ସୂଚନା ଅନୁସାରେ, ବେଲପଡ଼ାର ଯୁବନେତା ଗଣେଶ କୁମ୍ଭାର ନିର୍ବାଚନ ଲଢୁଥିବା ବେଳେ ତାଙ୍କ ୩ ଝିଅାରୀ, ପୁତୁରା ଓ ପୁତୁରା ବୋହୂ ଏବଂ ଲୋଇସିଂହା ବ୍ଲକରୁ ତାଙ୍କ ଭାଣିଜୀଙ୍କୁ ମିଶାଇ ପରିବାରର ୭ଜଣ ନିର୍ବାଚନ ଲଢୁଛନ୍ତି । ବାହାବଲ ପଞ୍ଚାୟତରୁ ଗଣେଶଙ୍କ ପୁତୁରା ବୋହୂ ହେମଶ୍ରୀ କୁମ୍ଭାର ଲଢୁଥିବା ବେଳେ ବେହେରାମୁଣ୍ଡାଠାରେ ପୁତୁରା ଦୁର୍ଯ୍ୟୋଧନ କୁମ୍ଭାର ପ୍ରାର୍ଥୀ ହୋଇଛନ୍ତି । ସେହିପରି ଝିଅାରୀଙ୍କ ମଧ୍ୟରେ ଯୁବା ପଞ୍ଚାୟତରୁ ଟିନା କୁମ୍ଭାର ଲଢୁଥିବାବେଳେ ତେନ୍ତୁଳିଖୁଣ୍ଟିରୁ ତାଙ୍କ ଭଉଣୀ ପୁଷ୍ପାଞ୍ଜଳି ତାଣ୍ଡି ଲଢୁଛନ୍ତି । ସେହିପରି ଲୋଇସିଂହା ବ୍ଲକ ବାନିପାଲିରୁ ଭାଣିଜୀ ଜ୍ୟୋତ୍ସ୍ନାମୟୀ ନାଗ ପ୍ରାର୍ଥୀ ହୋଇଛନ୍ତି ।

# ଜାତୀୟ ଭୋଟର ଦିବସ ପାଳିତ

**ଗଣତନ୍ତ୍ରର ମୂଳଦୁଆ ହେଉଛନ୍ତି ଭୋଟର : ଭୋଟର ଯେତେ ବଳିଷ୍ଠ ହେଲେ ଗଣତନ୍ତ୍ର ସେତେ ମଜବୁତ ହେବ - ଗଞ୍ଜାମ ଜିଲ୍ଲାପାଳ**



ବ୍ରହ୍ମପୁର, (ନିପ୍ର) : ଦ୍ୱାଦଶ ଜାତୀୟ ମତଦାନ ଦିବସ-୨୦୨୨ ଅବସରରେ ଗଞ୍ଜାମ ଜିଲ୍ଲାସ୍ତରୀୟ ସମାରୋହ ଆଜି ଛତ୍ରପୁରସ୍ଥିତ ଜିଲ୍ଲାପରିଷଦ ଭବନ (ଋଷିକୁଲ୍ୟା ସମ୍ମିଳନୀ କକ୍ଷ)ରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ କହିଥିଲେ ଯେ, ବିଶ୍ୱରେ ଭାରତ ହେଉଛି ସବୁଠୁ ବୃହତ୍ତର ଗଣତନ୍ତ୍ର ରାଷ୍ଟ୍ର । ଭୋଟର ହେଉଛନ୍ତି ଏହାର ମୂଳଦୁଆ । ଭୋଟରଗଣ ଯେତେ ମାତ୍ରାରେ ସୁଦୃଢ ହେବେ ଭାରତର ଗଣତନ୍ତ୍ର ସେତେ ମାତ୍ରାରେ ମଜବୁତ ହେବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ମତଦାତା କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ସଚେତନ ସହ ନିଜର ମତ ସାବ୍ୟସ୍ତ କରି ନିଜ ବିବେକକୁ ପଚାରି ଭୋଟ ଦାନ କଲେ ଉପଯୁକ୍ତ ପ୍ରାର୍ଥୀ ନିର୍ବାଚିତ ହୋଇପାରିବେ । ଭୋଟର ତାଲିକା ପ୍ରସ୍ତୁତଠାରୁ ଆରମ୍ଭ କରି ଭୋଟରଙ୍କ ଘରକୁ ଘର ଯାଇ ଏନେଇ ସଚେତନ କରିଥିବାରୁ ଏବଂ ଏହାର ସଫଳତା ମିଳୁଥିବାରୁ ବୁଥ୍‌ସ୍ତରୀୟ ଅଫିସରମାନଙ୍କୁ ଜିଲ୍ଲାପାଳ ଏ କ୍ଷେତ୍ରରେ ସକ୍ରୀୟ କର୍ମୀଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ପ୍ରଥମ କରି ଭୋଟର ତାଲିକାରେ ନାଁ ସଂଯୋଗ କରିଥିବା ଯୁବ ଭୋଟରମାନଙ୍କୁ ଭୋଟ ପରିଚୟ ପତ୍ର ଜିଲ୍ଲାପାଳ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍ ଏଥିରେ ଯୋଗଦେଇ ସମସ୍ତ ଭୋଟର ନିଜର ମତଦାନ ସାବ୍ୟସ୍ତ କଲେ ଗଣତନ୍ତ୍ର ସୁଦୃଢ ହୋଇପାରିବ ଏବଂ ଏହାଦ୍ୱାରା ଏହାର ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ସମସ୍ତଙ୍କୁ ମତଦାତାଙ୍କ ସଂକଳ୍ପ ସମ୍ପର୍କରେ ଶପଥ ପାଠ କରାଇଥିଲେ । ଡେପୁଟି-କଲେକ୍ଟର (ନିର୍ବାଚନ) ଏମ୍. ପ୍ରମୋଦ କୁମାର ବେହେରା ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଶ୍ରେଷ୍ଠ ବୁଥ ସ୍ତରୀୟ ଅଫିସର (ବିଏଲଓ) ଭାବେ ଗୋପାଳପୁରର ଶିକ୍ଷୟତ୍ରୀ ମାମି ନାୟକ, ବ୍ରହ୍ମପୁର ପୁରୁଣା ତାଲୁକା ସୁବୁଦ୍ଧିଦେବୀ ପିୟୁପିଏସ୍‌ର ଅଙ୍ଗନୱାଡ଼ି କର୍ମୀ ଅନୀତା କୁମାରୀ ସାହୁ ଓ ଚିକିଟି ବ୍ଲକ ସୁନାପୁର ଉଚ୍ଚପ୍ରାଥମିକ ସ୍କୁଲର ଶିକ୍ଷକ ହରି ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ଭୋଟର ସଚେତନତା ରଥକୁ ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଛତ୍ରପୁର ସହରରେ ଏହି ରଥ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲା । ପରେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ମଧ୍ୟ ଉକ୍ତ ଭୋଟର ସଚେତନତା ରଥ ପରିକ୍ରମା କରିବାରେ ବାହାରିଥିଲା ।

# ସରପଞ୍ଚ ପ୍ରାର୍ଥନୀଙ୍କ ସ୍ୱାମୀଙ୍କ ଦାଦାଗିରି : ଥାନାରେ ମାମଲା

ପଦ୍ମପୁର, (ନିପ୍ର) : ପାଇକମାଲ ବ୍ଲକ ବାଦିକଟା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରାର୍ଥନୀଙ୍କ ସ୍ୱାମୀ କ୍ଷିତିଶ ସାହୁ ଓ ତାଙ୍କ ସଂପର୍କୀୟ ଭୋଜରାଜ ସାହୁ, ପୃଥ୍ୱୀରାଜ ସାହୁ ଅପରପକ୍ଷ ସମର୍ଥକଙ୍କୁ ମାଡପଟି କରିବା, ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ହତ୍ୟା କରିବାର ଧମକ ଦେବା ଘଟଣା ନେଇ ଜଗଦଲପୁର ଥାନାରେ ଅଭିଯୋଗ ହୋଇଛି ।

ଘଟଣାରୁ ପ୍ରକାଶ ଯେ, ଶ୍ରୀମତୀ ନିଲିମା ପଟେଲ ବାଦିକଟା ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତାଙ୍କ ବିପକ୍ଷରେ କ୍ଷିତିଶ ସାହୁଙ୍କ ଧର୍ମପତ୍ନୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଗତ ତା ୨୩/୧ ରିଖ ଦିନ ବାଦିକଟା ଗ୍ରାମ ପଞ୍ଚାୟତରେ ପ୍ରାର୍ଥୀପତ୍ର ଯାଞ୍ଚ ବେଳେ ଶ୍ରୀମତୀ ନିଲିମା ପଟେଲଙ୍କ ସମର୍ଥକ ଅପରପକ୍ଷ ପ୍ରାର୍ଥୀ ଛତିଶଗଡ ରାଜ୍ୟର ଝିଅ ହୋଇ ଥିବାରୁ ପଢିଲେଖି ଜାଣୁ ନଥିବା ଅଭିଯୋଗ କରିଥିଲେ । ନାମାଙ୍କନ ଯାଞ୍ଚ ପ୍ରକ୍ରିୟା ସରିବା ପରେ ସଂଧ୍ୟାରେ ମୋବାଇଲ ଯୋଗେ ସାପଲହର ଗ୍ରାମର ବିଜେପି ଯୁବ ନେତା ଦୁଷ୍ମନ୍ତ ସାହୁଙ୍କୁ କ୍ଷିତିଶ ସାହୁ, ଭୋଜରାଜ ସାହୁ, ପୃଥ୍ୱୀରାଜ ସାହୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାର ଧମକ ବାରମ୍ବାର ଦେଉଥିବା ନେଇ ଥାନାରେ ମାମଲା ଦାୟର ହୋଇଛି । ବିଜେପି ଯୁବ ନେତା ଦୁଷ୍ମନ୍ତ ସାହୁ ୨୩ ତାରିଖ ରାତ୍ରିରେ ଜଗଦଲପୁର ଥାନାରେ ଏଫ୍‌ଆଇଆର୍ ଦେଇଛନ୍ତି ।

# ନକ୍ସଲମାନେ ଝାଡଖଣ୍ଡରେ ରେଳ ଲାଇନ୍ ଉଡ଼ାଇଲେ, ଅନେକ ଟ୍ରେନ୍ ପ୍ରଭାବିତ

ଝାଡ଼ଖଣ୍ଡ : ଝାଡ଼ଖଣ୍ଡରେ ନକ୍ସଲମାନେ ବିସ୍ଫୋରଣ ଦ୍ୱାରା ରେଲୱେ ଟ୍ରାକକୁ ନଷ୍ଟ କରିଦେଇଛନ୍ତି । ଏହି କାରଣରୁ ଅନେକ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି ଏବଂ କିଛି ଟ୍ରେନକୁ ବାତିଲ କରିବାକୁ ପଡିଛି ବୋଲି ସୂଚନା ମିଳିଛି । ଜାନୁଆରୀ ୨୭ରେ ନକ୍ସଲ ସଂଗଠନ ସିପିଆଇ-ମାଓବାଦୀଙ୍କ ଦ୍ୱାରା ଝାଡଖଣ୍ଡ-ବିହାର ବନ୍ଦ ଘୋଷଣା କରାଯାଇଛି । ନୂଆଦିଲ୍ଲୀରୁ ଗୟା-ଧାନବାଦ୍ ଦେଇ ହାୱଡ଼ାକୁ ଯାଉଥିବା ରେଳ ବିଭାଗକୁ ନକ୍ସଲମାନେ ଟାର୍ଗେଟ କରିଥିବା ଆଲୋଚନା ହେଉଛି । ସୂଚନା ଅନୁସାରେ ରେଳ ବିଭାଗରେ ଝାଡଖଣ୍ଡର ଗିରିଡିହ ଜିଲ୍ଲାର ସାରିଆ ପୋଲିସ୍ ଷ୍ଟେସନ ଅଞ୍ଚଳର ଚିଚାକି ଏବଂ ଚୌଧରୀବନ୍ଧ ମଧ୍ୟରେ ମଝିରେ ଅପ୍ ଓ ଡାଉନ୍ ଟ୍ରାକରେ ବିସ୍ଫୋରଣ ଘଟିଛି । ବିସ୍ଫୋରଣ ହେତୁ ଟ୍ରାକଟି କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହି ମାର୍ଗରେ ଟ୍ରେନର ଚଳାଚଳ ବ୍ୟାହତ ହୋଇଛି । କୁହାଯାଇଛି ଯେ, ରାତି ପ୍ରାୟ ୧୨:୧୫ ସମୟରେ ନକ୍ସଲମାନଙ୍କ ଏକ ଦଳ ଏହି ଅଞ୍ଚଳରେ ପହଞ୍ଚି ବିସ୍ଫୋରଣ କରିଥିଲେ । ସୂଚନା ପାଇବା ପରେ ଗିରିଡିହ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ।

# ପଦ୍ମଶ୍ରୀ ପାଇଁ ମନୋନୀତ ହେଲେ କୋଶଲୀ ସାହିତ୍ୟିକ .......

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ପଦବୀରୁ ଅବସର ଗ୍ରହଣ କରିଥିବା ବଲାଙ୍ଗିର ମାଟିର ସୁଯୋଗ୍ୟ ସନ୍ତାନ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁଙ୍କ କୋଶଲୀ ସାହିତ୍ୟ ଜଗତ ପାଇଁ ବିଶେଷ ଅବଦାନ ରହିଛି । ଦୀର୍ଘ ୫୦ ବର୍ଷରୁ ଅଧିକ କାଳ ସାହିତ୍ୟ ସାଧନାରେ ବ୍ରତୀ ଥିବା ଶ୍ରୀ ଗୁରୁ ୨୦୧୬ ମସିହାରେ ୧୭ ହଜାର ୩ ଶହ ଶବ୍ଦ ବିଶିଷ୍ଟ 'କୋଶଲୀ ଓଡ଼ିଆ ଅଭିଧାନ' ରଚନା କରି ସାରସ୍ୱତ ଜଗତରେ ନିଜର ସ୍ୱତନ୍ତ୍ରତା ଜାହିର୍ କରିଛନ୍ତି । ତାଙ୍କ ଦ୍ୱାରା ରଚିତ ୩୬ଟି ପୁସ୍ତକ ମଧ୍ୟରୁ କୋଶଲୀରେ ୧୦ ଖଣ୍ଡ ପୁସ୍ତକ ରହିଛି । ସେ ଜଣେ ଆକାଶବାଣୀ ଗୀତିକାର ଭାବେ ମଧ୍ୟ ବିଶେଷ ସୁନାମ ଅର୍ଜନ କରିଛନ୍ତି । ଜଣେ ସୁଲେଖକ ତଥା ଶାନ୍ତ କାନ୍ତ କୋମଳ କମନୀୟ ବ୍ୟକ୍ତିତ୍ୱର ଅଧିକାରୀ ଶ୍ରୀ ଗୁରୁଙ୍କୁ 'କୋଶଳ ପ୍ରବାହ' ପରିବାର ପକ୍ଷରୁ ଅଶେଷ ଶୁଭେଚ୍ଛା ।

# ଫେରନ୍ତା ପକ୍ଷୀ

**- ତ୍ରିନାଥ ସିଂହ**





ହାତରୁ ଗଳିପଡ଼ିଥିବା ଦର୍ପଣର
ଚୁରମାର୍ କାଚ,
ଡାକରେ ପଡ଼ିସାରିଥିବା
ଦୁର୍ବଳ ମୁହୂର୍ତ୍ତର ଚିଠି,
ଆଙ୍ଗୁଠି ଫାଙ୍କଦେଇ ଖସିଯାଇଥିବା
ନିଷ୍ପାପ ଆୟୁଷ...

: ସେଇ ଏକା କଥା ।

ନା' ପୁନର୍ବାର ଫେରିଆସେ
ଛିଣ୍ଡି ପଡ଼ିଥିବା ତାରା
ଆକାଶର ଡେଙ୍ଗକୁ...
ନା' ବହି ଯାଇଥିବା
ଯନ୍ତ୍ରଣା - ମଧୁର - ମୁହୂର୍ତ୍ତ
ଓ ବୟସ... !

ଖାଲି ଯାହା
ଆକ୍ତାମାକ୍ତା ହେଉଥାଏ ମନତଳେ
ସଂଗୁପ୍ତ- କୋହ ।

ଯେତେଥର
ପଛକୁ ଫେରି ଚାହିଁବାର ଇଚ୍ଛାରେ



ପାଖୁଡ଼ା ପାଖୁଡ଼ା ଖୋଲି
ଉଲଗ୍ନ କରିଛି ନିଜକୁ,
ଖେଳେଇ ପଡ଼ିଥିବା ଦର୍ପଣର
ଟୁକୁରା ଟୁକୁରା କାଚରେ
ପ୍ରତିବିମ୍ବିତ ହେଇଉଠିଛି...

ସୋରିଷଫୁଲର ବାସ୍ନାରେ ସ୍ନାତ
ସେଇ ଗହଗହ ଘରଦାଣ୍ଡ
ସେଇ ମହମହ ଧୂଳିଘର

ଯୋଉଠି
ଦେହମୁଣ୍ଡ ମାଟି ସରସର ଶିଶୁଟିଏ
ମୋ ମା'ର ପଣତରୁ ମୁହଁ କାଢ଼ି
ମତେ ଖତେଇ ହେଉଛି ।।

ମୋ.ନଂ.- ୮୮୯୫୦୯୯୪୬୪

# ସହଜ ନୁହଁ

**ସୁଜିତ୍ କୁମାର ସତପଥି**



ସହଜ ନୁହଁ
ତାରା ତୋଳିବା
ଖଟ ବୁଣିବା
ଚୁଲିରେ ନିଆଁ ଧରେଇବା
ରୁଟି ସେକିବା

ସହଜ ନୁହଁ
ଯଦି ସହଜ ବୋଲି ଭାବୁଛ
ତେବେ ପଚାରି ଦେଖ
ତାରା ତୋଳୁଥିବା
ଖଟ ବୁଣୁଥିବା
ନିଆଁ ଧରାଉଥିବା
ରୁଟି ସେକୁଥିବା ହାତକୁ

ନ ହେଲେ
ତାରା,
ଖଟ,
ଚୁଲି ଓ
ରୁଟିକୁ ବି ପଚାରିପାର
ସହଜ କଣ,
ଅସହଜ କଣ ?

ମୋ.ନଂ. : ୭୦୦୮୦୩୯୬୦୧

# ଦୁଇଟା ସୁରୁ ସୁରୁ କଥାନି

**ଆନନ୍ଦ ଚନ୍ଦ୍ର ସାହୁ**

## ତମେ କେତେ ଦେବ ?

ରାଜଧାନୀ ନେ ଚାକିରି ସାର୍‌ଲା ଉତ୍‌ରୁ ବନ୍‌ଛୋର୍ ବାବୁ ଗାଁ କେ ଫିରି ଆଏଲେ । ଛୁଆ ଦିନୁଁ ତାକର୍ ସଫା ସୁତ୍‌ରା ଜୀବନ୍ । ଚାଲିଶ ବରଷ୍‌ର ସରକାରୀ ଚାକିରି ଭିତ୍‌ରେ ବି ତାକର୍ ଦିହେଁ କେବେ କଲା ନେଇଁଲାଗି । ତାକର୍ କଥା ଯେନତା ପରଛା ଉରଛା, ତାକର୍ ବେଭାର୍ ବି ହେନ୍‌ତା ଖୁଲାମେଲା । ଦୁଖେ ସୁଖେ ସମ୍‌କର୍ ସାହା ଭର୍‌ସା ହେବାର ମେତାନ୍ ମୁନୁଷ୍ । ଇଥିର୍ ଲାଗି ଚାଲିଶ ବରଷ୍ ଧରି ସରକାରୀ ଚାକିରି କରିଥିଲେ ବି ତାକର୍ ହାତ୍ ଶୂଇନ୍ । ପେନ୍‌ସନ୍ ମୁଠେ ଥି ଉଲେଦୁଲେ ସଁସାର୍ ଚଲି ଯଉଛେ । ଛୁଆପୁତାକର୍ ଆର୍ ଜଁଜାଲ୍ ନେଇଁନ' । ଦୁହି ଝି' ଚାକିରି କରି ବିହା ବର୍‌ପନ୍ ହେଇ ରାଏଜ୍ ବାହାରେ ରହୁଛନ୍ । ଗାଁ ଥି ଦୁହି ବୁଢ଼ାବୁଢ଼ି ।

ବନ୍‌ଛୋର୍ ବାବୁ ଦେଖିଲେ, ସହରେ ଯେନ୍‌ତା ଗୁର୍‌ଦୁ ସୁବିଧା ଥି ସୁଖେ ରହୁଛନ୍ ଲୋକ୍, ଗାଁ ଥି ସେଟା ସାତ୍ ସପନ୍ । ହେତିର୍ ଲାଗି ବନ୍‌ଛୋର୍ ବାବୁ ଗାଁର କିଛି ଉନ୍ନତି କର୍‌ବାର୍ ଲାଗି ସରପଁଚ୍ ହେବାର୍ କେ ମନ୍ କରିଛନ୍ । ତାକର୍ ସାଙ୍ଗେ ଗାଁ ମହାଜନ୍‌ର ପୁଓ ବି ସରପଁଚ୍ ଥି ଉଠିଛେ । ହେଲେ ବି ତାକର୍ ଚିନ୍ତା ନେଇଁ । ଜିତା ହରା କେ କିଏ ପଚ୍‌ରଉଛେ !

ଦିନା ପାଁଚେ ବାଁକି ଥାଏ ଭୋଟ୍ ଦିନ୍‌କେ । ଘର୍‌କେ ଘର୍ ଯାଇକରି ଟିକେ ଗାଁର୍ ଲୋକକୁ ଭେଟ୍‌ବେ ବଲି ବନ୍‌ଛୋର୍ ବାବୁ ବାହାରିଲେ । ପହେଲା ମାଖିନୁ ବବା ଘରେ ପୁହୁଁଚିଲେ । ବଡ଼ା ଗହ ଗହ ହେଲେ ମାଖିନୁ ବବା ଆର୍ ଖଟ୍ ପାରିଦେଲେ । ବନ୍‌ଛୋର୍ ବାବୁ ବସ୍‌ଲେ । ଗାଁର୍ ସବୁ ଅସୁବିଧା କଥା କହିକରି ବନ୍‌ଛୋର୍ ବାବୁ ଇ'ଖେପି ମତେ ଭୋଟ ଦେବ ବବା, ଗାଁର କିଛି ଉନ୍ନତି କର୍‌ମା ବଲି କହେଲେ । ବନ୍‌ଛୋର୍ ବାବୁଙ୍କର୍ କଥା ଶୁନି କରି ମାଖିନୁ ବବା ଟିକେ ମୁଲ୍‌କି ହଁସା ମାରି କରି କହେଲେ – ଠିକ୍ କଥା ଯେ ବାବୁ.... ସକାଲୁ ସକାଲୁ ମହାଜନ୍‌ର ପୁଓ ଆସିଥିଲା । ସେ ଭୋଟ୍ ଗୁଟେକେ ପାଁଚ୍ ଶ' ଲେଖାଁ ଦେମି ବଲୁଛେ । ତମେ କେତେ ଦେବ.... ?

ତୁମ୍ ପଡ଼ିଦେଲେ ବନ୍‌ଛୋର୍ ବାବୁ ଆର୍ ଟରୋ ଟରୋ ନିଜର୍ ଘର୍‌କେ ଫିରି ଆଏଲେ ।





## ସାରା ଜଗତ୍ ତାହାଁକୁଁ ଶୂଇନ୍ ଶୂଇନ୍ ଲାଗୁଥାଏ

କବାଡ଼ି ବାଲା ଥର୍ ଥର୍ କରି ଯୁଖୁଛେ ବହି ପତର୍ । କେତେବେଲେ ନେଇଁ ସରୁଛେ । ଘଂଟା ତିନେ ଯୁଖିଲା ଉତ୍‌ରୁ ପାଁଚ ଶ' ବୟାନବେ କେଜି ହେଲା । କେଜି କେ ପାଁଚ୍ ଟଁକା ଭଉ ଥି ଭଡ଼ୋ ଭଡ଼ୋ ପଏସା ଗନିଦେଲା ଆର୍ ଟ୍ରଲି ରିକ୍‌ସା ଥି ବହି ପତର୍ ଲଦି କରି ଭାଗ୍‌ଲା ।

ମାଷ୍ଟର୍ ବୁଢ଼ା ତୁମ୍ ପଡ଼ି ଦେଖୁଥାଅନ୍ । ଆଁଖିର୍ ପାଏନ୍ ବୁହି ଆସୁଥାଏ । ତାକର୍ ଇଂଜିନିଅର୍ ପୁଓ ବଏଲା – ଦୁଖିମନା ହଉଛ କାଏଁ ବାପା, ତମ୍‌କୁ ପରେ ଡାକ୍ତର ମନା କରିଛେ, ଯହ ବେଲ୍‌ତକ୍ ପଢ଼ାପଢ଼ି ନେଇଁ କର୍‌ବ ବଲି । ଆଏଁଖି ଉପ୍‌ରେ ପ୍ରେସର୍ ପଡୁଛେ । ଇ' ବହିପତର୍ ଥିବାର୍ ତକ୍ ତ' ତମେ ନେଇଁ ମାନ' । ପଢ଼ା ଲେଖା ଚାଲିଛେନ' । ଇ' ବହିପତର୍ କେ ଯେତ୍‌କି ଭଲ ପାଉଛ ଯେ ମୋର୍ ମାଁ କେ କେଭେ ଦିନେ ହେତ୍‌କି ଭଲ୍ ନେଇଁପାଇ । ଆର୍‌ଗୁଟେ କଥା ଯେ ଇ' ଜଗ୍‌ଡ଼ା କେଚ୍‌ରା କେ ଘରେ କାଁକରି ଥାପି ମାରି କରି ରଖିଥିମା । କାଏଁ କାମ୍ ଥି ଆଏବା କହତ' । ହେତିର୍ ଲାଗି କବାଡ଼ି ବାଲାକେ ଡାକି କରି ସବୁ ବିକି ଦେଲିଁ । ଏଛିନ୍ ତୁମ୍ ପଡ଼ି ବସି ଥ' ବାଟର୍ ଘରେ ଆର୍ ଟିଭି ଦେଖୁ ଥ' ।

ମାଷ୍ଟର୍ ବୁଢ଼ା ସୁତର୍ ପିଲା ଲେଖେଁନ୍ ତାଁକର୍ କୁଠ୍‌ରୀ ଭିତର୍ କେ ସମିଗଲେ ଆର୍ କବାଟ୍ ବନ୍ଦ୍ କରି ଭୋ ଛାଡ୍‌ତେଲ୍ କାନ୍ଦି ପକାଲେ ।

..... ସାରା ଜଗତ୍ ତାହାଁକୁ ଶୂଇନ୍ ଶୂଇନ୍ ଲାଗୁଥାଏ ।

# ସୀମା ସୁରକ୍ଷା ବାହିନୀର ନିରାପତା ରକ୍ଷା ଏବଂ ଉନ୍ନୟନମୂଳକ କାର୍ଯ୍ୟ

ଭୁବନେଶ୍ୱର, (ପିଆଇବି) : ଓଡିଶା ଏବଂ ଛତିଶଗଡ ରାଜ୍ୟରେ ମୁତୟନ ହୋଇଥିବା ସୀମା ସୁରକ୍ଷା ବାହିନୀ ନିରାପତା ରକ୍ଷା ସହିତ ବିଭିନ୍ନ ପ୍ରକାର ସାମାଜିକ ଉନ୍ନୟନମୂଳକ କାର୍ଯ୍ୟରେ ଅଂଶଗ୍ରହଣ କରୁଛି ବୋଲି ବାହିନୀର ସ୍ୱତନ୍ତ୍ର ଅପରେସନ ଦାୟିତ୍ୱରେ ଥିବା ଅତିରିକ୍ତ ମହାନିର୍ଦ୍ଦେଶକ ଆର.ଏସ. ଭଟ୍ଟୀ ପ୍ରକାଶ କରିଛନ୍ତି । ରାୟପୁରଠାରେ ଗତକାଲି ସାମ୍ବାଦିକମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଭଟ୍ଟୀ କହିଛନ୍ତି ଯେ, ଓଡିଶାର ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ଥିବା ୧୫୧ଟି ଗ୍ରାମର ବାସିନ୍ଦାମାନଙ୍କ ପାଇଁ ଆସନ୍ତା ଗଣତନ୍ତ୍ର ଦିବସଠାରୁ ବୋଟ୍ ଆମ୍ବୁଲାନ୍ସ ସେବା ଆରମ୍ଭ ହେବ । ଏହା ଫଳରେ ଲୋକମାନଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇପାରିବ । ବିଏସ୍‌ଏଫ୍ ଏବଂ ଅନ୍ୟ ନିରାପତ୍ତା ରକ୍ଷୀ ବାହିନୀର ନକ୍ସଲମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଏବଂ ସାଧାରଣ ଲୋକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ଯୋଗୁଁ ନକ୍ସଲବାହିନୀରେ ଆଉ ନୂଆ ଯୁବଗୋଷ୍ଠୀ ଯୋଗ ଦେଉନାହାନ୍ତି । ଗତ ୧୦ବର୍ଷରୁ ଅଧିକ ସମୟ ମଧ୍ୟରେ ନକ୍ସଲମାନଙ୍କ ସହ ସଂଘର୍ଷରେ ସୀମା ସୁରକ୍ଷା ବାହିନୀ ୩୮ଜଣ ସାହସୀ ବୀର ଯବାନଙ୍କୁ ହରାଇଛି ।



ଅନ୍ୟପକ୍ଷରେ ୧୬୫୦ଜଣଙ୍କ ନକ୍ସଲଙ୍କୁ ବନ୍ଦୀ କରାଯାଇଛି । ୮୯୧ଜଣଙ୍କୁ ଆତ୍ମସମର୍ପଣ ପାଇଁ ବାଧ କରାଯାଇଛି । ସଂଘର୍ଷରେ ୧୭ଜଣଙ୍କୁ ନିପାତ କରାଯାଇଛି ଏବଂ ବିପୁଳ ପରିମାଣର ବିସ୍ଫୋରକ ଅସ୍ତ୍ରଶସ୍ତ୍ର ଆଦି ଜବତ କରାଯାଇଛି । କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ୨୨ଟି ମେଡିକାଲ କ୍ୟାମ୍ପ ଆୟୋଜନ କରାଯାଇ ୪ହଜାର ୩୬୨ଜଣ ରୋଗୀଙ୍କ ଚିକିତ୍ସା କରାଯାଇଛି । ୨୦୨୧-୨୨ ଆର୍ଥିକ ବର୍ଷରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଲକ୍‌ଡାଉନ ସମୟରେ ବିଏସ୍‌ଏଫ୍ ପକ୍ଷରୁ ଲୋକମାନଙ୍କୁ ଖାଦ୍ୟଶସ୍ୟ, କୃଷି ଉପକରଣ, ମଶାରୀ, ବାସନକୁସନ, ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟଉପକରଣ ଆଦି ଯୋଗାଇ ଦିଆଯାଇଛି । ୨୫୦ଜଣ ତଫସିଲଭୁକ୍ତ ଯୁବକଙ୍କୁ ଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରାଯାଇ ଦେଶର ସାଂସ୍କୃତିକ ବିଭବ ସହ ପରିଚିତ କରାଯାଇଛି । ଏପର୍ଯ୍ୟନ୍ତ ଓଡିଶାରେ ବିଭିନ୍ନ ସ୍ଥାନରେ ୧୨୮ଟି ରାସ୍ତା ପ୍ରକଳ୍ପ, ୪୪ଟି ନିର୍ମାଣଧୀନ ପୋଲ ଏବଂ ୧୯୬ଟି ମୋବାଇଲ ଟାୱାରକୁ ସୁରକ୍ଷା ଯୋଗାଇ ଦିଆଯାଇ ସାରିଲାଣି । ପରିବେଶର ସୁରକ୍ଷା ପାଇଁ ଏବଂ ଉତ୍ପାଦକତା ବୃଦ୍ଧି ପାଇଁ ବିଭିନ୍ନ ସ୍ଥାନରେ ବିପୁଳ ପରିମାଣର ଫଳବୃକ୍ଷ ଚାରା ଏବଂ ଜଙ୍ଗଲୀ ବୃକ୍ଷ ଚାରା ରୋପଣ କରାଯାଇଥିବା ଶ୍ରୀ ଭଟ୍ଟୀ ପ୍ରକାଶ କରିଛନ୍ତି ।

# ଦରବୃଦ୍ଧି ପ୍ରଶ୍ନରେ ବାଇଡେନ କ୍ରୋଧିତ ହୋଇ ସାମ୍ବାଦିକଙ୍କୁ କହିଲେ- ଷ୍ଟୁପିଡ୍ ସନ୍ ଅଫ..



ୱାଶିଂଟନ୍ : ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ବହୁତ ଖୁସି ମିଜାଜ୍‌ର ଏବଂ ଶାନ୍ତ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ସୋମବାର ହ୍ୱାଇଟ ହାଉସରେ ଅର୍ଥନୈତିକ ପରାମର୍ଶଦାତାମାନଙ୍କ ସହିତ ଏକ ସାକ୍ଷାତକାରରେ ବାଇଡେନଙ୍କ ଏକ ଭିନ୍ନ ଚେହେରା ସାମ୍ନାକୁ ଆସିଛି । ବାସ୍ତବରେ ଫକ୍ସ ନ୍ୟୁଜ୍ ସାମ୍ବାଦିକ ତାଙ୍କୁ ଦରବୃଦ୍ଧି ବିଷୟରେ ଏକ ପ୍ରଶ୍ନ ପଚାରିବା ମାତ୍ରେ ବାଇଡେନ କ୍ରୋଧିତ ହୋଇ ଉଠିଥିଲେ ଓ ସେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହି ପୁରା ଘଟଣା କ୍ୟାମେରାରେ କଏଦ ହୋଇ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଜୋ ବାଇଡେନଙ୍କ କ୍ରୋଧିତ ହେବାର କାରଣ ହେଉଛି କରୋନା ମହାମାରୀ ସହିତ ଦରବୃଦ୍ଧି ହେତୁ ଆମେରିକା ବର୍ତ୍ତମାନ ରେକର୍ଡ ଭାଙ୍ଗିବା ଭଳି ମୁଦ୍ରାସ୍ଫୀତିର ସମ୍ମୁଖୀନ ହେଉଛି ।

# ନୀରଜ ଚୋପ୍ରାଙ୍କୁ ପରମ ବିଶିଷ୍ଟ ସେବା ପଦକ



ନୂଆଦିଲ୍ଲୀ : ଗଣତନ୍ତ୍ର ଦିବସ ବୀରତା ପୁରସ୍କାର ଗ୍ରହଣ କରିଥିବା ହିରୋମାନଙ୍କ ନାମ ଘୋଷଣା କରାଯାଇଛି । ଚଳିତ ବର୍ଷ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୩୮୪ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ । ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ୪ ରାଜପୁତାନା ରାଇଫଲ୍ସର ସୁବେଦାର ନୀରଜ ଚୋପ୍ରାଙ୍କୁ ପରମ ବିଶିଷ୍ଟ ସେବା ପଦକ ପ୍ରଦାନ କରାଯିବ । ୭୩ ତମ ଗଣତନ୍ତ୍ର ଦିବସ ଅବସରରେ ଘୋଷିତ ୩୮୪ ପୁରସ୍କାରରେ ୧୨ଟି ଶୌର୍ଯ୍ୟ ଚକ୍ର, ୨୯ ପରମ ବିଶିଷ୍ଟ ସେବା ପଦକ, ୪ଟି ଉତ୍ତମ ଯୁଦ୍ଧ ସେବା ପଦକ, ୫୩ ଅତି ବିଶିଷ୍ଟ ସେବା ପଦକ, ୧୩ ଯୁଦ୍ଧ ସେବା ପଦକ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୧୨୨ ବିଶିଷ୍ଟ ସେବା ପଦକ, ୮୧ ସେନା ପଦକ (ବୀରତା), ୨ ବାୟୁ ସେନା ପଦକ, ୪୦ ସେନା ପଦକ, ୮ ନୌସେନା ପଦକ, ୧୪ ବାୟୁ ସେନା ପଦକ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୧୮୯ ହିରୋଙ୍କୁ ପୋଲିସ ପଦକ ସହିତ ସମ୍ମାନିତ କରାଯିବ । ପୁଣି ଏଥି ସହିତ ୮୮ ସାହସୀଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପୋଲିସ୍ ପଦକ (ପିପିଏମ୍) ଏବଂ ସମ୍ମାନଜନକ ସେବା ପାଇଁ ୬୬୨ ଜଣଙ୍କୁ ପୋଲିସ୍ ମେଡାଲ୍ (ପିଏମ୍ ?) ପ୍ରଦାନ କରାଯିବ । ୧୮୯ଟି ବୀରତା ପୁରସ୍କାର ମଧ୍ୟରୁ ୧୩୪ଟି ଜାମ୍ମୁ କାଶ୍ମୀର ଅଞ୍ଚଳରେ ସେମାନଙ୍କ ବୀରତା ପାଇଁ ପୁରସ୍କୃତ କରାଯିବ । ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ୪୭ ଜଣ କର୍ମଚାରୀ ଏବଂ ଉତ୍ତର ପୂର୍ବାଞ୍ଚଳର ବୀରତା କାର୍ଯ୍ୟ ପାଇଁ ୪୭ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି ।

# କଂଗ୍ରେସ ନେତା ଆରପିଏନ ସିଂ ବିଜେପିରେ ଯୋଗ ଦେଲେ : କହିଲେ- କଂଗ୍ରେସ ପୂର୍ବ ଭଳି ଦଳ ହୋଇ ରହିନାହିଁ




ନୂଆଦିଲ୍ଲୀ : ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଆରପିଏନ ସିଂ ମଙ୍ଗଳବାର ଦିନ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । କଂଗ୍ରେସରୁ ଇସ୍ତଫା ଦେଇଥିବା ସିଂ କହିଛନ୍ତି ଯେ, ବିଜେପିରେ ଯୋଗଦେବା ତାଙ୍କ ପାଇଁ ଏକ ନୂଆ ଆରମ୍ଭ । ଶ୍ରୀ ସିଂ କେନ୍ଦ୍ର ମନ୍ତ୍ରୀ ତଥା ଉତ୍ତରପ୍ରଦେଶ ନିର୍ବାଚନରେ ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର, ଉତ୍ତରପ୍ରଦେଶର ଉଭୟ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ଦୀନେଶ ଶର୍ମା ଏବଂ ବିଜେପି ରାଜ୍ୟ ସଭାପତି ସ୍ୱତନ୍ତ୍ର ଦେବ ସିଂଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇ ସଦସ୍ୟତା ଗ୍ରହଣ କରିଛନ୍ତି । କଂଗ୍ରେସ ସହ ତାଙ୍କର ଅସନ୍ତୋଷର କାରଣ ବର୍ଣ୍ଣନା କରି ବିଜେପିରେ ଯୋଗ ଦେଇ ଆରପିଏନ ସିଂ କହିଛନ୍ତି ଯେ, ୩୨ ବର୍ଷ ଧରି ମୁଁ ଏକ ଦଳରେ ସଚ୍ଚୋଟ ଭାବରେ ରହି ଆସୁଥିଲି । ଖୁବ୍ ପରିଶ୍ରମ କରି ଦଳ ପାଇଁ କାମ କରିଛି । କିନ୍ତୁ ଯେଉଁ ପାର୍ଟିରେ ମୁଁ ଏତେ ବର୍ଷ ଧରି ରହିଥିଲି, ତାହା ଆଉ ସେହି ପାର୍ଟି ହୋଇ ରହିନାହିଁ । ଅନେକ ଲୋକ ମୋତେ କହୁଥିଲେ ଯେ ଆପଣ ଭାରତୀୟ ଜନତା ପାର୍ଟିକୁ ଯିବା ଉଚିତ୍ । ଦୀର୍ଘ ସମୟ ଧରି ମୁଁ ଚିନ୍ତା କରିବା ପରେ ବିଜେପିରେ ଯୋଗ ଦେଇଛି । ସେ କହିଛନ୍ତି ଯେ, ଜଣେ ଛୋଟ ଶ୍ରମିକର ସାମର୍ଥ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଯେତେ ଚେଷ୍ଟା କରାଯିବା କଥା, ମୁଁ ନିଶ୍ଚିତ ଭାବେ ତାହା କରିବି ।

# ସ୍ୱାମୀଙ୍କୁ ହତ୍ୟା କରି ପ୍ରେମିକ ସହ ଶବ ନିକଟରେ ରୋମାନ୍ସ କରୁଥିଲେ ଦୁଇଟି ସନ୍ତାନର ମାଆ



ରାଜଗଡ଼ : ମଧ୍ୟପ୍ରଦେଶର ରାଜଗଡ଼ରେ ଏକ ଅମାନବିକ ମାମଲା ସାମ୍ନାକୁ ଆସିଛି । ପ୍ରେମ ସମ୍ପର୍କ ହେତୁ ଜଣେ ମହିଳା ପ୍ରେମିକଙ୍କ ହାତରେ ହତ୍ୟା ନିଜ ସ୍ୱାମୀଙ୍କୁ ହତ୍ୟା କରାଇବା ପରେ ସ୍ୱାମୀଙ୍କ ମୃତ ଦେହ ନିକଟରେ ପ୍ରେମିକ ସହିତ ରୋମାନ୍ସ କରୁଥିବା ଭଳି ଖବର ମିଳିଛି । ରାଜଗଡର ଏସ୍‌ପି ପ୍ରଦୀପ ଶର୍ମା କହିଛନ୍ତି ଯେ, ପୋଲିସର ପ୍ରାରମ୍ଭିକ ଅନୁସନ୍ଧାନରେ ଅଭିଯୁକ୍ତ ମହିଳାଙ୍କଠାରୁ ଅସାମାଜିକଙ୍କ ଦ୍ୱାରା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଭଳି ଏକ ମନଗଢ଼ା କାହାଣୀ ଶୁଣିବାକୁ ମିଳିଥିଲା । ତା'ପରେ ତନାଘନା ତଦନ୍ତ ପରେ ମହିଳାଙ୍କଠାରୁ ସତ୍ୟ ଘଟଣା ବାହାରିଛି । ଏହା ସହିତ ମୋବାଇଲ୍ କଲ୍ ବିବରଣୀ ଆଧାରରେ ବାସ୍ତବତା ମଧ୍ୟ ସାମ୍ନାକୁ ଆସିଛି । ପୋଲିସର ସୂଚନାନୁସାରେ, ଜାନୁୟାରୀ ୨୧ ତାରିଖ ରାତିରେ ସୁଠାଲିଆ ପୋଲିସ ଷ୍ଟେସନ ଅଞ୍ଚଳର ବେରିଆଖେଡି ଗ୍ରାମରେ ୩୦ ବର୍ଷିୟ ରାମଦିନେଶ ମୀନାଙ୍କୁ ହତ୍ୟା କରାଯାଇଥିଲା । ଘଟଣା ସମୟରେ ଦୀନେଶଙ୍କ ପତ୍ନୀ ଜ୍ୟୋତି ଘରେ ଉପସ୍ଥିତ ଥିଲେ । ଜ୍ୟୋତି ପୋଲିସ ପଚରାଉଚରା ବେଳେ କହିଥିଲେ ଯେ, ସ୍ୱାମୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା, ଯେତେବେଳେ ସେ ପାଖରେ ଶୋଇଥିଲେ । ସେ ଶୋଇ ପଡ଼ିଥିଲେ । ପତ୍ନୀଙ୍କ କଥା ଶୁଣିବା ପରେ ପୋଲିସର ସନ୍ଦେହ ଆହୁରି ଗଭୀର ହୋଇଥିଲା । ଯାଂଚ ବେଳେ ପୋଲିସ ଘର ଭିତରୁ ଏକ ଭଙ୍ଗା ମୋବାଇଲ୍ ଫୋନ୍ ପାଇଥିଲା । ମରାମତି ପାଇଁ ପୋଲିସ ମୋବାଇଲକୁ ପଠାଇଥିଲା । ଯେତେବେଳେ ପୋଲିସ ଏହି ମୋବାଇଲକୁ ଯାଂଚ କଲା, ସେତେବେଳେ ପୋଲିସ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲା । ଜ୍ୟୋତିଙ୍କ ରହସ୍ୟ ଏହି ମୋବାଇଲରୁ ବାହାରକୁ ଆସିଥିବା କୁହାଯାଇଛି । ପୋଲିସର ପଚରାଉଚରା ବେଳେ ୨୫ ବର୍ଷୀୟ ଜ୍ୟୋତି କହିଛନ୍ତି ଯେ, ତାଙ୍କର ଏକ ଦୋକାନ ଅଛି । ସ୍ୱାମୀ ଦିନେଶଙ୍କ ସହ ସେ ଦୋକାନରେ ମଧ୍ୟ ବସୁଥିଲେ । ଗାଁର ଚେନ୍ ସିଂ ଲୋଧା ପ୍ରାୟ ସମୟରେ ତାଙ୍କ ଦୋକାନକୁ ଆସୁଥିଲା । ଏଥିରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା । ଚେନ୍ ସିଂ ଜ୍ୟୋତିଙ୍କୁ ଏକ ମୋବାଇଲ୍ ଉପହାର ଦେଇଥିଲା । ଜ୍ୟୋତି ରାତିସାରା ଚେନ୍ ସିଂଙ୍କ ସହ କଥା ହେଉଥିଲେ । ଯେତେବେଳେ ଜ୍ୟୋତିଙ୍କ ସ୍ୱାମୀ ଦିନେଶ ଏହା ଜାଣିଲେ, ସେ ମୋବାଇଲ ଭାଙ୍ଗି ଦେଇଥିଲେ । ଏହି ଘଟଣା ବିଷୟରେ ଜାଣିବା ପରେ ଦିନେଶ ଏବଂ ଜ୍ୟୋତିଙ୍କ ମଧ୍ୟରେ ପ୍ରବଳ ଝଗଡା ହୋଇଥିଲା । ଶେଷରେ ଜ୍ୟୋତି ତାଙ୍କ ପ୍ରେମିକ ଚେନ୍ ସିଂଙ୍କ ସହ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ।

# ଛାତ୍ରଛାତ୍ରୀମାନେ ଆଇନ ହାତକୁ ନେବା ଉଚିତ ନୁହେଁ, ଅଭିଯୋଗ ପାଇଁ କମିଟି ଗଠନ କରାଯାଇଛି : କହିଲେ କେନ୍ଦ୍ର ରେଳ ମନ୍ତ୍ରୀ



ନୂଆଦିଲ୍ଲୀ : ରେଳବାଇ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ ପ୍ରଦର୍ଶନ ପରେ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ବିବୃତ୍ତି ଆସିଛି । ତାଙ୍କ ବିବୃତ୍ତିରେ ସେ ଛାତ୍ରମାନଙ୍କୁ ଆଇନ ହାତକୁ ନ ନେବାକୁ ଅନୁରୋଧ କରିଛନ୍ତି । ସେ ଆହୁରି ମଧ୍ୟ ଆଶ୍ୱାସନା ଦେଇଛନ୍ତି ଯେ, ଆମେ ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ନେଇଛୁ ।

କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ମୁଁ ମୋର ଛାତ୍ର ବନ୍ଧୁମାନଙ୍କୁ ଅନୁରୋଧ କରିବାକୁ ଚାହୁଁଛି ଯେ, ରେଳବାଇ ତୁମର ସମ୍ପତ୍ତି, ତୁମେ ତୁମର ସମ୍ପତ୍ତିର ଯତ୍ନ ନେବା ଉଚିତ୍ । ଆମେ ଛାତ୍ରଛାତ୍ରୀଙ୍କର ସମସ୍ତ ଅଭିଯୋଗ ଉପରେ ଏକ ଗମ୍ଭୀରତାର ସହ ଦୃଷ୍ଟି ଦେବୁ । ସେ କହିଛନ୍ତି ଯେ, କୌଣସି ଛାତ୍ର ଆଇନ ହାତକୁ ନେବା ଉଚିତ୍ ନୁହେଁ । କେନ୍ଦ୍ର ରେଳ ମନ୍ତ୍ରୀ କହିଛନ୍ତି ଯେ, କିଛି ଲୋକ ଏହାର ଫାଇଦା ଉଠାଉଛନ୍ତି । ମୁଁ ସେମାନଙ୍କୁ ଅନୁରୋଧ କରିବି ଯେ, ଛାତ୍ରଛାତ୍ରୀଙ୍କୁ ଦ୍ୱନ୍ଦରେ ପକାନ୍ତୁ ନାହିଁ । ଏହା ଛାତ୍ର ଓ ଦେଶର ମାମଲା । ଆମେ ଏହାକୁ ସମ୍ବେଦନଶୀଳ ଭାବରେ ଗ୍ରହଣ କରିବା ଉଚିତ୍ ।

କେନ୍ଦ୍ର ରେଳ ମନ୍ତ୍ରୀ କହିଛନ୍ତି ଯେ, ରେଳବାଇ ନିଯୁକ୍ତି ବୋର୍ଡର ଚେୟାରମ୍ୟାନ୍‌ଙ୍କୁ ଛାତ୍ରଛାତ୍ରୀଙ୍କ ଅଭିଯୋଗ ଶୁଣିବାକୁ କୁହାଯାଇଛି । ଛାତ୍ରଛାତ୍ରୀଙ୍କ ଅଭିଯୋଗ ସଂଗ୍ରହ କରାଯାଇ କମିଟି ନିକଟକୁ ପଠାଯିବ । ଏହି କମିଟି ଦେଶର ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣିବ ।

# ବିହାରରେ ରେଳ ନିଯୁକ୍ତି ଅନିୟମିତତା ଅଭିଯୋଗରେ ତୃତୀୟ ଦିନ ପାଇଁ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ ପ୍ରଦର୍ଶନ ଜାରି, ଟ୍ରେନରେ ନିଆଁ ଲଗାଇଲେ



ପାଟନା : ରେଳ ନିଯୁକ୍ତି (ଆର୍‌ଆର୍‌ବି-ଏନ୍‌ଟିପିସି)ରେ ଅନିୟମିତତା ବିରୋଧରେ ଗାୟାରେ ଛାତ୍ରମାନେ ଜବରଦସ୍ତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିକ୍ଷୋଭକାରୀମାନେ ଟ୍ରେନ୍ କୋଚ୍ ଜାଳି ଦେଇଥିବା ମଧ୍ୟ ଜଣାପଡ଼ିଛି । ଗୟା ଏସ୍‌ପି ଆଦିତ୍ୟ କୁମାର କହିଛନ୍ତି ଛାତ୍ରମାନେ କାହାର କଥାରେ ପଡ଼ି ଉତ୍ତେଜିତ ହେବା ଉଚିତ୍ ନୁହେଁ । ରେଳବାଇ ଏକ କମିଟି ଗଠନ କରିଛି, ଯାହାର ତଦନ୍ତ ହେବ । କିଛି ଛାତ୍ରଙ୍କୁ ଚିହ୍ନଟ କରାଯାଇ ସାରିଛି । ଏହି ପରିପ୍ରେକ୍ଷୀରେ କାର୍ଯ୍ୟାନୁଷ୍ଠାନ ଚାଲିଛି । ଛାତ୍ରମାନଙ୍କ ଗତିବିଧିକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ବର୍ତ୍ତମାନ ଉଭୟ ପରୀକ୍ଷା ଏନ୍‌ଟିପିସି ଏବଂ ଲେବେଲ୍-୧ ଉପରେ ପ୍ରତିବନ୍ଧକ ଲଗାଇଛି । ରେଳ ମନ୍ତ୍ରଣାଳୟ ଏକ କମିଟି ଗଠନ କରିଛି, ଯାହା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଏବଂ ବିଫଳ ଛାତ୍ରମାନଙ୍କ ମତାମତ ଶୁଣିବ । ଏହା ପରେ ଏହାର ରିପୋର୍ଟ ରେଳ ମନ୍ତ୍ରଣାଳୟକୁ ଦାଖଲ କରାଯିବ ।

# ପରମାଣୁ ଚୁକ୍ତି ପ୍ରସଙ୍ଗରେ ଆମେରିକା ସହ ସିଧାସଳଖ କଥାବାର୍ତ୍ତା କରିବାକୁ ଇରାନ ଇଚ୍ଛା ପ୍ରକାଶ କଲା

ତେହେରାନ : ପରମାଣୁ ଚୁକ୍ତି ସଂପର୍କରେ ଅନ୍ୟ ବିଶ୍ୱ ଶକ୍ତି ସହିତ ଚାଲିଥିବା ଆଲୋଚନାରେ ଇରାନ ସୋମବାର ଆମେରିକା ସହିତ ସିଧାସଳଖ ଯୋଗାଯୋଗ କରିବାକୁ ଇଚ୍ଛା ପ୍ରକାଶ କରିଛି । ସରକାରୀ ସମ୍ବାଦ ଏଜେନ୍ସି 'ଆଇଆର୍‌ଏନ୍‌ଏ' ଏହି ସୂଚନା ଦେଇଛି ।

ଇରାନର ସର୍ବୋଚ୍ଚ ନେତା ଅଜାତୁଲ୍ଲା ଅଲି ଖାମେନେଇ ଇରାନକୁ କ୍ଷତି ପହଞ୍ଚାଇବ ବୋଲି ଆମେରିକା ସହ ସମସ୍ତ ଆଲୋଚନାକୁ ସ୍ଥଗିତ ରଖିଥିଲେ । ତେବେ, ଚଳିତ ମାସ ଆରମ୍ଭରେ ଖାମେନେଇ ଇରାନ ପକ୍ଷକୁ ଆମେରିକା ସହ ଆଲୋଚନା କରିବାକୁ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଶତ୍ରୁ ସହ କଥାବାର୍ତ୍ତା କରିବାର ଅର୍ଥ ଆତ୍ମସମର୍ପଣ ନୁହେଁ ।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ନିମନ୍ତେ ଆଦର୍ଶ ଆଚରଣ ବିଧି ପାଳନ ସମ୍ପର୍କିତ ବୈଠକ

**- ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତି ଶୃଙ୍ଖଳା ତଥା କୋଭିଡ୍ କଟକଣା ପାଳନ ପୂର୍ବକ ନିର୍ବାଚନ ପରିଚାଳନା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ**



ବଲାଙ୍ଗିର, (ନିପ୍ର) : ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ ଘୋଷଣା କାର୍ଯ୍ୟସୂଚୀ ଅନୁଯାୟୀ ମତଦାନ ତା.୧୬/୦୨/୨୨ରୁ ୨୪/୦୨/୨୨ ପର୍ଯ୍ୟନ୍ତ ବିଭିନ୍ନ ୫ଗୋଟି ପର୍ଯ୍ୟାୟରେ ଜିଲ୍ଲାରେ ଅନୁଷ୍ଠିତ ହେବ । ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତି ଶୃଙ୍ଖଳା ତଥା କୋଭିଡ୍ କଟକଣା ପାଳନ ପୂର୍ବକ ପରିଚାଳନା କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଉଛି । ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀମାନେ ନିର୍ବାଚନ ଆଦର୍ଶ ଆଚରଣ ବିଧି ତଥା କୋଭିଡ୍ କଟକଣା ପାଳନ ପୂର୍ବକ ନିର୍ବାଚନ ପରିଚାଳନରେ ସହଯୋଗ କରିବାକୁ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ଅନୁଷ୍ଠିତ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ସ୍ଥାନୀୟ ଡ଼ି.ଆର.ଡ଼ି.ଏ ସମ୍ମିଳନୀ କକ୍ଷଠାରେ ନିର୍ବାଚନ ଆଦର୍ଶ ଆଚରଣ ବିଧିର କାର୍ଯ୍ୟକାରୀ ନିମନ୍ତେ ରାଜନୈତିକ ଦଳ ସହ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ଓ ପାଟଣାଗଡ଼ ଉପଖଣ୍ଡ ନିମନ୍ତେ ନିଯୁକ୍ତ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ମଧୁସୂଦନ ମିଶ୍ର ଓ ଟିଟିଲାଗଡ଼ ଉପଖଣ୍ଡ ନିମନ୍ତେ ନିଯୁକ୍ତ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ବିଶ୍ୱନାଥ ସାହୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତି ଶୃଙ୍ଖଳା ଓ କୋଭିଡ୍ କଟକଣାର ଅନୁପାଳନ ପୂର୍ବକ ନିର୍ବାଚନ ପରିଚାଳନା ପାଇଁ ସମସ୍ତ ଦଳ ଓ ପ୍ରାର୍ଥୀଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ ।

ବୈଠକରେ ଆରକ୍ଷୀ ଅଧିକ୍ଷକ ନିତୀନ କୁଶଲକର ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ି ପାଳନ କରିବା, ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ କୋଭିଡ୍ ନିୟମାବଳୀକୁ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ସଠିକ ଭାବେ ପାଳନ ଏବଂ ନିର୍ବାଚନ ପ୍ରଚାର ସମ୍ପର୍କିତ ବିଭିନ୍ନ ନିୟମାବଳୀ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରାର୍ଥୀମାନଙ୍କ ଅବଗତ କରିଥିଲେ । ଏତଦ୍ ବ୍ୟତୀତ ପୋଲିସ ତରଫରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମହେନ୍ଦ୍ର କୁମାର ମହାପାତ୍ର, ପିଡିଡ଼ିଆରଡ଼ିଏ ସୁଶାନ୍ତ କୁମାର ସିଂ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲିପ କୁମାର ପଟେଲ, ବଲାଙ୍ଗିର ଉପଜିଲ୍ଲାପାଳ ଲମ୍ବୋଦର ଧରୁଆ, ଟିଟିଲାଗଡ଼ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପାଟଣାଗଡ଼ ଉପଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ଡ.ଗୁଣନିଧି ନାୟକ ନିର୍ବାଚନ ଆଦର୍ଶ ଆଚରଣ ବିଧି, ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ତଥା ଏହାର ହିସାବ, ନିର୍ବାଚନ ସମ୍ପର୍କିତ କୋଭିଡ୍ ନିୟମାବଳୀ ଓ କଟକଣା ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରାର୍ଥୀମାନଙ୍କୁ ଅବଗତ କରିଥିଲେ । ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାଚନ ସଂକ୍ରାନ୍ତୀୟ ଆପତ୍ତି ଅଭିଯୋଗ ଜଣାଇବା ସକାଶେ କଂଟ୍ରୋଲ ରୁମ୍ ଖୋଲାଯାଇଛି ।

ଯାହାର ନମ୍ବର ୦୬୬୫୨-୨୩୨୦୩୨ ଓ ହ୍ୱାଟସ୍ଏପ୍ ନମ୍ବର ୯୪୩୭୨୯୯୧୩୪ ଅଟେ ।

# କୋଟିପତି ଆଗଲପୁର ବ୍ଲକ୍ ମୁଖ୍ୟ କିରାଣୀ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ହାଜତ୍‌କୁ ଗଲେ





ବଲାଙ୍ଗିର, (ନିପ୍ର) : ଆୟ ବହିର୍ଭୁତ ସଂପତ୍ତି ଠୁଳ ଅଭିଯୋଗରେ ଗତକାଲି ଆଗଲପୁର ବ୍ଲକ ମୁଖ୍ୟ କିରାଣୀ ପ୍ରଫୁଲ୍ଲ କୁମାର ସା'ଙ୍କ ଘର ଉପରେ ଭିଜିଲାନ୍ସ ଚଢ଼ାଉ ହୋଇଥିବା ବେଳେ ତାଙ୍କ ପାଖରୁ ୧.୩୨ କୋଟି ଟଙ୍କାର ସଂପତ୍ତି ଠାବ ହୋଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ତେବେ ସେ ତାଙ୍କ ଦ୍ୱାରା ଠୁଳ ହୋଇଥିବା ୯୮% ସଂପତ୍ତି ଆୟର ସଠିକ୍ ତଥ୍ୟ ଭିଜିଲାନ୍ସ ବିଭାଗକୁ ଦର୍ଶାଇ ପାରି ନଥିବାରୁ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ୍ କରାଯାଇ ଭିଜିଲାନ୍ସ କୋର୍ଟ ସ୍ପେସାଲ୍ ଜଜ୍‌ଙ୍କ ପାଖରେ ହାଜର୍ କରାଯାଇଥିବା ବେଳେ ମାନ୍ୟବର ଜଜ୍ ଗିରଫ୍ ମୁଖ୍ୟ କିରାଣୀ ଶ୍ରୀ ସା'ଙ୍କୁ ଆଗାମୀ ଫେବୃଆରୀ ୮ ତାରିଖ ଯାଏଁ ଜେଲ୍ ହାଜତ୍‌କୁ ପଠାଇ ଦେଇଥିବା ଜଣାପଡ଼ିଛି ।

# ତିନୋଟି ଯୁଦ୍ଧର ଯୋଦ୍ଧା ବୈଷ୍ଣବ : ଏବେ ମଧ୍ୟ ଦେଶ ସେବା କରିବା ପାଇଁ ଆଗ୍ରହୀ, ଅସହାୟ ଅବସ୍ଥାରେ ବୀର ଯବାନ



ସଇଁନ୍ତଲା, (ନିପ୍ର) : ଦେଶ ତାର ୭୩ତମ ସାଧାରଣତନ୍ତ୍ର ଦିବସ ପାଳନ କରିଥିବା ବେଳେ ବଲାଙ୍ଗିର ଜିଲ୍ଲାର ବୀର ଯବାନ ବୈଷ୍ଣବ ନାଗଙ୍କ କଥା ମନେପଡୁଛି । ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ବାଦୀପଡା ଗ୍ରାମରେ ଜନ୍ମିତ ବୈଷ୍ଣବ ୧୯୬୧ ମସିହାରେ ଭାରତୀୟ ସେନା ବାହିନୀରେ ଯୋଗ ଦେଇଥିଲେ । ସେନା ବାହିନୀରେ ଯୋଗ ଦେବାର ପରେ ୧୯୬୨ ମସିହାରେ ଭାରତ-ଚୀନ ଯୁଦ୍ଧରେ ସାମିଲ ହୋଇ ଶତ୍ରୁ ସହ ଲଢେଇ କରିଥିଲେ ସେ । ବୈଷ୍ଣବ ନାଗ ପିଲା ବେଳୁ ହିଁ ଦେଶ ସେବା କରିବା ପାଇଁ ପ୍ରବଳ ଆଗ୍ରହୀ ରହିଥିଲେ । ପରିବାର ଲୋକଙ୍କ କଥା ନ ଶୁଣି ଦେଶ ସେବା ପାଇଁ ସେନା ବାହିନୀରେ ଯୋଗ ଦେଇଥିଲେ । ବୀର ଯବାନ ବୈଷ୍ଣବ ୧୯୬୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ସମୟରେ ଭାରତ-ପାକିସ୍ତାନ ଯୁଦ୍ଧରେ ମଧ୍ୟ ସାମିଲ ହୋଇ ଭାରତକୁ ବିଜୟୀ କରିଥିଲେ । ବୈଷ୍ଣବ ନାଗ ଲାଲ ବାହାଦୂର ଶାସ୍ତ୍ରୀଙ୍କଠାରୁ ଇନ୍ଦିରା ଗାନ୍ଧୀଙ୍କ ଶାସନ କାଳ ପର୍ଯ୍ୟନ୍ତ ୧୮ ବର୍ଷ ଧରି ଦେଶ ସେବାରେ ନିଜକୁ ସମର୍ପିତ କରିଥିଲେ । ତାଙ୍କୁ ଦେଶ ସେବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ୧୦ ଗୋଟି ମେଡାଲରେ ସମ୍ମାନିତ କରାଯାଇଥିଲା । ୧୯୬୨ ମସିହାରେ ନାଗଲାଣ୍ଡ ମେଡାଲ, ୧୯୬୫ ମସିହାରେ ଜମ୍ମୁ-କାଶ୍ମୀର ମେଡାଲ, ୧୯୭୧ ମସିହାରେ ପୂର୍ବ ଷ୍ଟାର ବଙ୍ଗଳାଦେଶ ଗଠନ ମେଡାଲ ସହ ସର୍ବମୋଟ ୧୦ଟି ମେଡାଲ ପାଇଛନ୍ତି ।

# ପଂଚାୟତ ନିର୍ବାଚନରେ ପ୍ରାର୍ଥୀମାନେ ଶିକ୍ଷା ଅଧିକାର ଆଇନ ଶତ ପ୍ରତିଶତ କାର୍ଯ୍ୟକାରୀ କରିବା ସହ ଶିକ୍ଷାର ବିକାଶ ନେଇ ସର୍ବସାଧାରଣରେ ଶପଥପତ୍ର ପ୍ରଦାନ କରନ୍ତୁ : ଓଡିଶା ଅଭିଭାବକ ମହାସଂଘ




ବଲାଙ୍ଗିର, (ନିପ୍ର) : ଜିଲ୍ଲା ସାମ୍ବାଦିକ ଭବନଠାରେ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ବଲାଙ୍ଗିର ଅଭିଭାବକ ମହାସଂଘର ଆବାହକ ଚକ୍ରପାଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଅଭିବାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି ଯେ, ଶିକ୍ଷାର ବିକାଶ ତଥା ଶିକ୍ଷା ଜନିତ ସମସ୍ୟା ସମାଧାନ କ୍ଷେତ୍ରରେ ଓଡିଶା ଅଭିଭାବକ ମହାସଂଘ ସର୍ବଦା କାର୍ଯ୍ୟରତ । ଓଡିଶାର ନବେ ପ୍ରତିଶତ ଜନସାଧାରଣ ଗ୍ରାମାଞ୍ଚଳରେ ବସବାସ କରନ୍ତି । ସେମାନେ ଆଗାମୀ ପଂଚାୟତ ନିର୍ବାଚନରେ ସେମାନଙ୍କର ପ୍ରତିନିଧି ନିର୍ବାଚିତ କରିବେ । ଶିକ୍ଷା ବିନା ପ୍ରଗତି ଅସମ୍ଭବ । ଗ୍ରାମାଞ୍ଚଳରେ ସବୁ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଉପଲବ୍ଧ ସହିତ ଶିକ୍ଷାର ବିକାଶ ବିନା ସବୁ ବିକାଶ ମୂଳକ କାର୍ଯ୍ୟକ୍ରମ ନିରର୍ଥକ । ଓଡିଶା ଅଭିଭାବକ ଏହି କ୍ରମରେ ସମସ୍ତ ପ୍ରାର୍ଥୀ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ସଠିକ ରୂପାୟନ ପାଇଁ ଏକ ସର୍ବସାଧାରଣ ଶପଥପତ୍ର ଜନସାଧାରଣଙ୍କୁ ପ୍ରଦାନ କରିବାକୁ ସମସ୍ତ ରାଜନୈତିକ ଦଳ ତଥା ପଂଚାୟତ ନିର୍ବାଚନ ଲଢୁଥିବା ସମସ୍ତ ପ୍ରାର୍ଥୀଙ୍କୁ ନିବେଦନ କରିଛି । ଯେଉଁ ପ୍ରାର୍ଥୀମାନେ ଏହାକୁ ପାଳନ କରିବେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସମସ୍ତ ଅଭିଭାବକ ଭୋଟ ଦେବେ ବୋଲି ମହାସଂଘ ଜନସାଧାରଣଙ୍କ ନିକଟରେ ଅପିଲ କରିଛି । ଏଥିପାଇଁ ମହାସଂଘ ବିଭିନ୍ନ ରାଜନୈତିକ ଦଳର ମୁଖିଆଙ୍କୁ ଚିଠି ଦେଇ ତଥା ସାକ୍ଷାତ କରି ଉପରୋକ୍ତ ଶପଥ ପତ୍ର ପ୍ରଦାନ ପାଇଁ ନିବେଦନ କରିଅଛୁ । ୧୯୯୨ ମସିହାରେ ୭୩ତମ ସମ୍ବିଧାନ ସଂଶୋଧନ ଅନୁସାରେ ୧୧ ଧାରା ଅନୁସାରେ ୨୯ଟି ବିଭାଗ ପଂଚାୟତକୁ ହସ୍ତାନ୍ତର କରାଯାଇଛି । ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦମାନେ ସେମାନଙ୍କ ଦାୟିତ୍ୱ ନେବାପାଇଁ ଚାହୁଁଥିଲେ ମଧ୍ୟ ସରକାରୀ ଅବହେଳା ପାଇଁ ଏହା ଲାଗୁ ହୋଇପାରି ନାହିଁ । ଓଡ଼ିଶାରେ ପ୍ରାୟ ୮୭୫୦ ସ୍କୁଲ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ବନ୍ଦ ହୋଇଛି, ବଲାଙ୍ଗିର ଜିଲ୍ଲାରେ ପ୍ରାୟ ୨୫୪ ଗୋଟି ସ୍କୁଲ ଗତ ବର୍ଷ ସମ୍ପୂର୍ଣ ବନ୍ଦ ହୋଇଛି, ସେହି ଅଭିଭାବକମାନେ ଦାବୀ କରୁଛନ୍ତି ଯେ, ଯେଉଁ ସରପଞ୍ଚ, ଜିଲ୍ଲାପରିଷଦ, ସମିତି ସଭ୍ୟ ଏହି ବନ୍ଦ ସ୍କୁଲ ଖୋଲିବ ଅଭିଭାବକମାନେ ତାଙ୍କୁ ସମର୍ଥନ କରିବେ । ତା'ସହ ଜିଲ୍ଲାରେ ୨୫% ବେସରକାରୀ ସ୍କୁଲରେ ମାଗଣା ନାମ ଲେଖା, ଜିଲ୍ଲାରେ ପାଠପଢା ଛାଡିଥିବା ଦାଦନ ଯାଇଥିବା ପିଲାମାନଙ୍କୁ ପୁଣି ଫେରାଇ ଆଣି ପଢେଇବା, ଅଭିଭାବକ ଓ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ବର୍ଷକୁ ଦୁଇ ଥର କରି ଆବଶ୍ୟକତା ଚିକତ୍ସା ସେମାନଙ୍କୁ ଯୋଗେଇବା ସହ ବହି ଓଜନ କମେଇବା ପାଇଁ ବହି ପ୍ରଚଳନ କରିବା ଆଦି ୫ ଗୋଟି ବିଷୟରେ ପବ୍ଲିକ ଶପଥନାମା ଦେବାପାଇଁ ସବୁ ଦଳର ନେତାଙ୍କୁ ଆହ୍ୱାନ ଦେଇଛନ୍ତି । ଏହି କ୍ରମରେ ରାଜ୍ୟରେ ସମସ୍ତ ଜିଲ୍ଲା, ବ୍ଲକ ସ୍ତରରେ ମଧ୍ୟ ମହାସଂଘର ପ୍ରତିନିଧି ମାନେ ରାଜନୈତିକ ଦଳର ଜିଲ୍ଲା ସଭାପତି, ବ୍ଲକ, ସଭାପତି ମାନଙ୍କୁ ଭେଟି ଅପିଲ କରିଛନ୍ତି ବୋଲି ମଧ୍ୟ ମହାସଂଘ କହିଛି । ଯେଉଁମାନେ ଶପଥ ପାଠ ଦେବେ ସବୁ ଅଭିଭାବକ ସେହି ପାର୍ଥୀଙ୍କୁ ସମର୍ଥନ ଦେବେ । ବଲାଙ୍ଗିର ଜିଲ୍ଲାରେ ଥିବା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା କରିବା ପାଇଁ ମହାସଂଘ ଦାବୀ କରିଛି । ଏହା ହେଲେ ଶହ ଶହ ଛାତ୍ର ଛାତ୍ରୀ ଏହାର ସୁବିଧା ନେଇ ପାରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ଆବାହକ ଶ୍ରୀ ମିଶ୍ର, ରାଜ୍ୟ ବରିଷ୍ଠ ଉପଦେଷ୍ଟା ଗୋପାଳଜୀ ପାଣିଗ୍ରାହୀ, ରାଜ୍ୟ ଆବାହକ ପ୍ରଦୀପ ମିଶ୍ର, ସାଧାରଣ ସମ୍ପାଦକ ଶିବରାମ ନାୟକ, ରାଜ୍ୟ ସମ୍ପାଦକ ମହାମାୟା କର, ଚିତ୍ତ ରଞ୍ଜନ ବେହେରା ପ୍ରମୁଖ ମଂଚାସୀନ ଥିଲେ ।

# ମିଛ ଇସ୍ତଫା ପତ୍ର କରି କାମରୁ ବିତାଡିତ କରିବା ସହିତ ଗାଳି ଗୁଲଜ ଅଭିଯୋଗ : ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ଶ୍ରମିକ



ବଲାଙ୍ଗିର, (ନିପ୍ର) : ମିଛ ଇସ୍ତଫା ପତ୍ର ତିଆରି କରି ଶ୍ରମିକମାନଙ୍କୁ କାମରୁ ବିତାଡିତ କରିବା ସହିତ ପ୍ରଶ୍ନ କରିବାରୁ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ ଅଭିଯୋଗରେ ଆଜି ହରିଶଙ୍କର ଚିଡିଆଖାନାରେ କାମ କରୁଥିବା ଶ୍ରମିକମାନେ ବଲାଙ୍ଗିର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନାରୁ ପ୍ରକାଶ ଯେ, ନାନ୍ଦୁପଲାର ନୀଳାମ୍ବର ବରିହା, ଚତୁର୍ଭୁଜ ବାଗ, ଛଞ୍ଚାଣବାହାଲିର ବେଲାରୁ ବରିହା, ଧନେଶ୍ୱର ମାଝୀ, ନୂଆପାଲିର ସୁରେଶ ମାଝୀ, ତୁର୍ଲାର ମଦନ ଭୂଏ, ମହରାପଦରର ଟିକେଶ୍ୱର ଭୁଏ ଏବଂ ତ୍ରିଲୋଚନ ପାଣ୍ଡେ ସମୁଦାୟ ଆଠ ଜଣ ଶ୍ରମିକ ୨୦ ବର୍ଷରୁ ଅଧିକ ହେବ ହରିଶଙ୍କର ସ୍ଥିତ ଚିଡ଼ିଆଖାନା ହରିଣମାନଙ୍କ ଦେଖାରେଖା କରି ଆସୁଥିଲେ । କିନ୍ତୁ ଗତ ୫ ମାସ ହେବ ସେମାନେ ଦରମା ପାଇ ନଥିବା ବେଳେ ଏନେଇ ସେମାନେ ଫରେଷ୍ଟର ପ୍ରିୟବ୍ରତ ମହାକୁଡ଼ ଓ ଫରେଷ୍ଟ ଗାର୍ଡ ମହେନ୍ଦ୍ର କାଲସାଏଙ୍କୁ ଅଭିଯୋଗ କରିଥିଲେ । ବ୍ୟାଙ୍କ ଖାତାରେ ଦରମା ଆସିବ କହି ଫରେଷ୍ଟର ପ୍ରିୟବ୍ରତ ମହାକୁଡ଼ ଏବଂ ଫରେଷ୍ଟ ଗାର୍ଡ ଶ୍ରୀ କାଲସାଏ ସେମାନଙ୍କଠାରୁ ସାଧା କାଗଜରେ ଦସ୍ତଖତ ନେଇଥିଲେ । ସେମାନେ ଦରମା ପାଇବା କିଛି ଦିନ ପରେ ହଠାତ୍ ତୁମକୁ ଚାକିରିରୁ ବାହାର କରି ଦିଆଯାଇଛି ବୋଲି ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ତଡ଼ି ଦେଇଥିଲେ । ଏହା କିପରି ହେଲା ବୋଲି ପଚାରିବାରୁ ସେମାନଙ୍କୁ ଉଭୟ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ଅଶ୍ରାବ୍ୟ ଭାଷାରେ ଜାତିଗତ ଗାଳି ଗୁଲଜ କରିଥିଲେ । ଉକ୍ତ ଶ୍ରମିକମାନେ ଏହା ବିରୁଦ୍ଧରେ ଖପ୍ରାଖୋଲ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ତେବେ ଏହି ଘଟଣା ଉପରେ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ଅଶ୍ରମିକମାନେ ବାଧ୍ୟ ହୋଇ ଆଜି ବଲାଙ୍ଗିର ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି ଶ୍ରମିକମାନେ ସାମ୍ବାଦିକମାନଙ୍କୁ କହିଛନ୍ତି । ତବେ ଏଘଟଣାର ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରାଯିବ ବୋଲି ପୋଲିସ କହିଛି ।

# ବଲାଙ୍ଗିରରେ ଜିଲ୍ଲା ସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ : ଅଭିବାଦନ ଗ୍ରହଣ କଲେ ଜିଲ୍ଲାପାଳ ଚଞ୍ଚଳ ରାଣା



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କରୋନା କଟକଣା ଯୋଗୁଁ କୋଭିଡ୍ ନିର୍ଦ୍ଦେଶାବଳୀ ଅନୁସାରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା । ୭୩ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରରେ ରାମଧୂନ ପ୍ରଚାର କରାଯାଇଥିଲା । ସକାଳ ୭ଟାରୁ ସାଢ଼େ ୭ଟା ମଧ୍ୟରେ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସକାଳ ୭ଟା ୧୫ମି.ରୁ ୭ଟା ୪୫ମି. ମଧ୍ୟରେ ଗାନ୍ଧୀନଗରପଡ଼ା ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କଚେରୀ ଛକ ସ୍ଥିତ ଡ.ବି.ଆର.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀଭବନ ସମ୍ମୁଖସ୍ଥ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଶିଶୁ ଉଦ୍ୟାନ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଉପଜିଲ୍ଲାପାଳ ଲମ୍ବୋଦର ଧରୁଆଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସକାଳ ୮ଟା ୩୦ମି. ସମୟରେ ସ୍ଥାନୀୟ ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ବଲାଙ୍ଗିର ଜିଲ୍ଲାପାଳ ଶ୍ରୀ ରାଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ରାଣା ବଲାଙ୍ଗିର ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ଅଭିଭାଷଣରେ ଭାରତ ବର୍ଷର ଯେଉଁ ମହାପୁରୁଷମାନେ ସମ୍ବିଧାନ ରଚନା କରିଥିଲେ ଏବଂ ଜାତୀୟ ସ୍ୱାଧିନତା ସଂଗ୍ରାମରେ ଯେଉଁ ମହାମନିଷୀମାନେ ଦେଶ ତଥା ଜାତି ଉଦ୍ଦେଶ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଯାଇଛନ୍ତି, ସେମାନଙ୍କ ଅବଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବିଭିନ୍ନତା ଭିତରେ ଏକତା, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଭିତରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଆମ ସମ୍ବିଧାନର ଏକ ଗୁରୁତ୍ୱପୂର୍ଣ୍ଣ ଆଦର୍ଶ । ଭାରତର ଏକତା ଓ ଅଖଣ୍ଡତା ଅନ୍ୟ କୌଣସି ବି ରାଷ୍ଟ୍ର ସହ ତୁଳନା କରାଯାଇ ନପାରେ, ସେଥିପାଇଁ ଆମେ ଗର୍ବିତ ବୋଲି ପ୍ରକାଶ କରିବା ସହ ଭାରତ ବର୍ଷର ଏହି ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ସମସ୍ତ ଭାରତୀୟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ । କରୋନା ମହାମାରୀ ପ୍ରକୋପ ଆଜି ବି ସାରା ଦେଶରେ ସଂକଟ ହୋଇରହିଛି ଏବଂ ଏହାର ସଫଳ ମୁକାବିଲା କରିବା ପାଇଁ ଆମ ସମସ୍ତଙ୍କ ଉଦ୍ୟମ ଜାରି ରହିଛି । ବଲାଙ୍ଗିର ଜିଲ୍ଲାବାସୀଙ୍କ ସହଯୋଗରେ କରୋନା ମହାମାରୀର ପ୍ରଥମ ଓ ଦ୍ୱିତୀୟ ଲହରକୁ ସଫଳତାର ସହ ମୁକାବିଲା କରାଯାଇଥିଲା ଏବଂ ବର୍ତ୍ତମାନ ଦେଖାଦେଇଥିବା କରୋନା ସଂକ୍ରମଣକୁ ରୋକିବା ଦିଗରେ ଜିଲ୍ଲାବାସୀଙ୍କ ଅନୁରୂପ ସହଯୋଗର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିବା ସଙ୍ଗେ ସଙ୍ଗେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା ଅଙ୍ଗନବାଡ଼ି କର୍ମୀ, ଗଣମାଧ୍ୟମର ପ୍ରତିନିଧି, ନର୍ସ, ପୋଲିସ ଓ ସଫେଇ କର୍ମଚାରୀଙ୍କ ଭଳି କୋଭିଡ୍ ଯୋଦ୍ଧାଙ୍କ ସମର୍ପିତ ସେବା ନିମନ୍ତେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । କୋଭିଡ୍ କଟକଣା ଯୋଗୁଁ ଜିଲ୍ଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ଉତ୍ସବରେ କେବଳ ଏପିଆର୍ ଓ ହୋମଗାର୍ଡର ଦୁଇଟି ପ୍ଲାଟୁନ ଅଂଶଗ୍ରହଣ କରି ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ ।

ପୋଲିସ ବ୍ୟାଣ୍ଡ ପାର୍ଟି ଜାତୀୟ ସଙ୍ଗୀତ ବାଦନ କରିଥିଲେ । ଆନୁଷ୍ଠାନିକ ଉତ୍ସବରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଉପସ୍ଥିତ ରହିଥିବା ବେଳେ ସମାରୋହରେ କୋଭିଡ୍ ଯୋଦ୍ଧା, ସରକାରୀ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।






# ଟାଇଗର୍ ୟୁଥ୍ କ୍ଲବ୍ ପକ୍ଷରୁ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଶାନ୍ତିପଡ଼ା ସ୍ଥିତ ଟାଇଗର୍ ୟୁଥ୍ କ୍ଲବ୍ ପକ୍ଷରୁ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । 'କୋଶଳ ପ୍ରବାହ'ର ସଂପାଦକ ତଥା କବି ଆନଂଦ ଚଂଦ୍ର ସାହୁ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । କ୍ଲବ୍ର ବରିଷ୍ଠ ସଦସ୍ୟ ପାର୍ଥ, ସୁମନ୍ତ, ସୁଶାନ୍ତ, ସୁରେଶ, ବିକାଶ, ସୁଶୀଲ, ଲକ୍ଷ୍ମୀ, ମାନସ, ନାରାୟଣ, ଦେବରାଜ, ମୁନ୍ନା ପରିଚ୍ଛା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘରେ ସାଧାରଣତନ୍ତ୍ର ଦିବସ ପାଳିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସଂଘର ବରିଷ୍ଠ ସଦସ୍ୟ ନବୀନ ପଶାୟତ ଜାତୀୟ ପତକା ଉତ୍ତୋଳନ କରିଥିଲେ । ସଂଘର ଉପସଭାପତି ଆନଂଦ ଚଂଦ୍ର ସାହୁ, ସାଧାରଣ ସଂପାଦକ ବଳରାମ ମିଶ୍ର, ସାଂଗଠାନିକ ସଂପାଦକ ଶରତ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ଗୋପବନ୍ଧୁ ଶତପଥୀ, ସତ୍ୟସୁନ୍ଦର ଭଂଜ, ସଂଦୀପ କୁମାର କୁଅଁର, ଶରତ ମହାକୁର, ଦୀପକ ପୁରୋହିତ, ସଂଜୟ ମିଶ୍ର, ମହେନ୍ଦ୍ର ପ୍ରଧାନ, ସୁବୋଧ ମେହେର, ଗୁପ୍ତେଶ୍ୱର ପୃଷ୍ଟି ତଥା 'ସମୟ' ସମ୍ବାଦପତ୍ର ମୁଖ୍ୟକାର୍ଯ୍ୟାଳୟର ଅଧିକାରୀବୃନ୍ଦ ଓ ଅନ୍ୟ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ହରିଶଙ୍କର ମନ୍ଦିର ଅଞ୍ଚଳରେ ଚିତାବାଘର ଗତିବିଧି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଲେ ବଲାଙ୍ଗିର ଡିଏଫ୍ଓ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ହରିଶଙ୍କର ମନ୍ଦିର ଅଞ୍ଚଳରେ ଗତ ୩ ଦିନ ହେବ ଏକ ଚିତାବାଘ ଆତଙ୍କ ସୃଷ୍ଟି କରୁଥିବା ବେଳେ ହରିଶଙ୍କର ହରିଣ ପାର୍କରେ ଦୁଇଟି ହରିଣଙ୍କୁ ବାଘ ମାରି ଦେଇଥିବା ସନ୍ଦେହ କରାଯାଉଛି । ତେବେ ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ପରିସ୍ଥିତିର ମୁକାବିଲା ପାଇଁ ଡିଭିଜନ୍ ଆଡମିନିଷ୍ଟ୍ରେସନ୍ ୨୪ ଇନ୍‌ଟୁ ୭ ଆଧାରରେ ସତର୍କତା ଅବଲମ୍ବନ କରିଛି । ଏହା ପ୍ରାକୃତିକ ବାସସ୍ଥାନ ଉପରେ ନଜର ରଖି ଚିତାବାଘକୁ ଏକ ସୁରକ୍ଷିତ ପଥ ଦେବା ପାଇଁ ପଦକ୍ଷେପ ନିଆଯାଇଥିବା ଜଣାପଡିଛି । ବଲାଙ୍ଗିର ଡିଏଫ୍ଓ ନୀତୀଶ କୁମାର ସ୍ଥାନୀୟ ଲୋକଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି ଏବଂ ଯେତେବେଳେ ବାଘ ଦେଖିବାକୁ ମିଳୁଛି ସେତେବେଳେ ସ୍ଥାନୀୟ ବନ ବିଭାଗକୁ ଜଣାନ୍ତୁ ବୋଲି ସେ କହିଛନ୍ତି । ଆହୁରି ମଧ୍ୟ, ହରିଣ ପାର୍କ ଅଞ୍ଚଳରେ ନିରବଚ୍ଛିନ୍ନ ଆଲୋକ ପ୍ରଦାନ କରିବା ପାଇଁ ଆଠଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି । ପୁରା କ୍ୟାମ୍ପସ୍ ସିସିଟିଭି ସର୍ଭିଲାନ୍ସ ଅଧୀନରେ ରହିଥିବା କୁହାଯାଇଛି ।

# ଲୁଟ୍ ଘଟଣାରେ ୬ ଜଣ ଲୁଟେରାଙ୍କୁ ଗିରଫ୍ କଲା ଟାଉନ୍ ଥାନା ପୋଲିସ, ୫ ହଜାର ଟଙ୍କା ଜବତ୍




ବଲାଙ୍ଗିର, (ନିପ୍ର) : ଲୁଟ୍ ଘଟଣାରେ ୬ ଜଣ ଲୁଟେରାଙ୍କୁ ଟାଉନ୍ ପୋଲିସ ଗିରଫ୍ କରିଥିବା ବେଳେ ସେମାନଙ୍କଠାରୁ ୫ ହଜାର ଟଙ୍କା ଉଦ୍ଧାର କରାଯାଇଥିବା ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ଗତକାଲି ସ୍ଥାନୀୟ ରୁଗୁଡ଼ିପଡ଼ା ନିବାସୀ ଚନ୍ଦ୍ରଚୂଡ଼ ପଣ୍ଡା ବଲାଙ୍ଗିର-ଟିଟିଲାଗଡ଼ ରୋଡ଼ରେ ଯାଉଥିବା ବେଳେ ବିଜାଖମନ୍ ପାଖରେ ସାତ ଆଠ ଜଣ ଲୁଟେରା ତାଙ୍କୁ ଅଟକାଇ ଆକ୍ରମଣ କରିବା ସହ ତାଙ୍କ ଠାରୁ ୪୦ ହଜାର ଟଙ୍କା ଲୁଟି ନେଇଥିବା ସଂପର୍କରେ ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ଟାଉନ୍ ପୋଲିସ କେସ୍ ନଂ.୪୫/୨୯.୦୧.୨୦୨୨, ଦଫା ୩୯୫ ଆଇପିସି. ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତେବେ ଆଜି ସଂପୃକ୍ତ ଲୁଟେରାମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଗିରଫ୍ କରାଯାଇଥିବା କୁହାଯାଇଛି । ଗିରଫ୍ ଲୁଟେରାମାନେ ହେଲେ ସ୍ଥାନୀୟ ରାଜୀବନଗରର ଯଶୋବନ୍ତ ମହାନ୍ତି ଓରଫ୍ ବ୍ରହ୍ମା(୨୦), ରୋସନ ସେଠ(୨୧), ଇନ୍ଦିରାନଗରର ଟିଙ୍କୋଡ଼ୋ ଓରଫ୍ ସୁରଜ ପର୍ଡିଆ(୨୩), କାହ୍ନା ପର୍ଡିଆ ଓରଫ ଭୂବନ ପର୍ଡିଆ(୨୧), କଂସାରୀପଡ଼ାର ବିଷ୍ଣୁ କରନ ଓରଫ୍ କଲ୍‌ତା(୨୦) ଓ ଲକ୍ଷ୍ମୀନଗରପଡ଼ାର ସିଟୁ ସ୍ୱାଇଁ(୨୦) । ଗିରଫ୍ ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ୫ ହଜାର ଟଙ୍କା ଜବତ୍ କରିଥିବା ସୂଚନାରେ କୁହାଯାଇଛି । ତେବେ ଯେଉଁ ଅଭିଯୁକ୍ତ ପାଖରେ ଲୁଟ୍ ଟଙ୍କା ରହିଛି, ସେ ଏ ପର୍ଯ୍ୟନ୍ତ ଫେରାର୍ ଥିବା ଜଣାପଡ଼ିଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com



ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu